ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୧ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 JULY 2023

Vol.No. 35 ■ No. 171■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଓଲଟିଲା ସ୍କୁଲ ଅଟୋ : ଜଣେ ଛାତ୍ରୀ ମୃତ, ୬ ଗୁରୁତର

ବାସୁଦେବପୁର , ୩୦/୦୬ (ନି.ପ୍ର): ଓଲଟିଲା ସ୍କୁଲ ଅଟୋ। ଦୁର୍ଘଟଣାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଭଦ୍ରକ ଜିଲ୍ଲା ବାସୁଦେବପୁର ପୁରୁଣା କୋର୍ଟ ଶିଶୁ ବିହାର ବିଦ୍ୟାମନ୍ଦିରର ଜଣ ଛାତ୍ରଛାତ୍ରୀ ସ୍କୁଲ ଛୁଟି ପରେ ନେଇ ଯାଉ ଥିଲା । ସେହି ସମୟରେ ଅଟୋ ବାସୁଦେବପୁର ଧାମରା ରାସ୍ତାର ମନ୍ଦରୀ ହାଟ ଛକ ନିକଟରେ ଭାରସାମ୍ୟ ହରାଇ ଓଲଟିଛି । ଦୁର୍ଘଟଣାରେ ୫ମ ଶ୍ରେଣୀର ହିମାନୀ ରାଉଳ ନାମକ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୬ ଜଣ ଗୁରୁତର ହୋଇ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିବା ବେଳେ ପୋଲିସ ମୁତୟନ ହୋଇଛନ୍ତି ।

ଏହା ବିଶ୍ୱବିଦ୍ୟାଳୟ ନୁହେଁ, ଏକ ଆନ୍ଦୋଳନ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩୦/୦୬ : ଦିଲ୍ଲୀ ବିଶ୍ୱବିଦ୍ୟାଳୟ କେବଳ ଏକ ବିଶ୍ୱବିଦ୍ୟାଳୟ ନୁହେଁ ବରଂ ଏକ ଆନ୍ଦୋଳନ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାରୋହର ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶତାବାର୍ଷିକୀ ସମାରୋହ ଏପରି ସମୟରେ ହେଉଛି, ଯେତେବେଳେ ଭାରତ ନିଜର ସ୍ୱାଧୀନତାର ୭୫ ବର୍ଷ ପୂରଣ ହେବା ଅବସରରେ ଅମୃତ ମହୋତ୍ସବ ପାଳନ କରୁଛି । ଯେ କୌଣସି ଦେଶର ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ଅନୁଷ୍ଠାନ ଏହାର ସଫଳତାକୁ ପ୍ରତିଫଳିତ କରେ । ଡିୟୁର ୧୦୦ ବର୍ଷ ଯାତ୍ରାରେ ଅନେକ ଇତିହାସର ସାକ୍ଷୀ ହୋଇଛି। ଏହା ଅନେକ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ଅନ୍ୟ ଲୋକଙ୍କ ଜୀବନକୁ ଯୋଡିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ କେବଳ ଏକ ବିଶ୍ୱବିଦ୍ୟାଳୟ ନୁହେଁ ବରଂ ଏକ ଆନ୍ଦୋଳନ ଏବଂ ଏହା ସବୁ ମୁହୂର୍ତ୍ତରେ ଜୀବନର ପ୍ରତ୍ୟେକ ଅଂଶକୁ ପୂରଣ କରିଛି। ପ୍ରଧାନମନ୍ତ୍ରୀ ଶତବାର୍ଷିକୀ ସମାରୋହ ଅବସରରେ ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଲୋକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଶତାବ୍ଦୀ ସମାରୋହ ଭଳି ଐତିହାସିକ କ୍ଷଣକୁ ଦେଶର ପ୍ରଧାନମନ୍ତ୍ରୀଙ୍କ ସହ ପାଳିବା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ। ଶିକ୍ଷାର ମନ୍ଦିର ରୂପରେ ଏକ ଶତାବ୍ଦୀ ଧରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦେଶର ବୌଦ୍ଧିକ ବିକାଶ ଏବଂ ଶିକ୍ଷାର ପ୍ରସାରରେ ଅଗ୍ରଣୀ ଭୂମିକା ତୁଲାଇଛି । ଦିଲ୍ଲୀର ଗୌରବମୟ ୧୦୦ ବର୍ଷର ଯାତ୍ରାରେ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ। ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଠାରୁ ଆରମ୍ଭ କରି ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରିବାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦେଶକୁ ମାର୍ଗ ଦେଖାଇଛି। ନିଜର ଜ୍ଞାନ ଏବଂ ସଂସ୍କାର ବଳରେ ବିଶ୍ୱବିଦ୍ୟାଳୟ ଦେଶକୁ ବିଭିନ୍ନ ସ୍ଥାନରେ ଅନେକ ପ୍ରତିଭାଙ୍କୁ ପ୍ରଦାନ କରିଛି । ଅମୃତକାଳ ଭଳି ମହତ୍ୱପୂର୍ଣ୍ଣ ସମୟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଭାରତକୁ ଜ୍ଞାନ ଆଧାରିତ ମହାଶକ୍ତି ଭାବରେ ପରିଣତ କରିବାର ସଂକଳ୍ପକୁ ପୂରଣ କରିବା ଦିଗରେ ଜାତୀୟ ଶିକ୍ଷା ନୀତିକୁ କ୍ରିୟାନ୍ୱୟନ କରିଛି ।

ବାହାନଗା ଟ୍ରେନ ଟ୍ରାଜେଡି
ଆସିଲା ୨୯ ମୃତକଙ୍କ ଡିଏନଏ ରିପୋର୍ଟ

ବାଲେଶ୍ୱର, ୩୦/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ ଟ୍ରାଜେଡି ଘଟଣାରେ ଆସିଛି ମୃତକଙ୍କ ଡିଏନଏ ରିପୋର୍ଟ। ପ୍ରଥମ ପର୍ଯ୍ୟାୟରେ ୨୯ ଯାତ୍ରୀଙ୍କ ମୃତଦେହ ଭୁବନେଶ୍ୱର ଏମସକୁ ଆସିଛି। ମୋଟ ୭୮ଟି ମୃତଦେହର ସାମ୍ପୁଲ ଡିଏନଏ ଟେଷ୍ଟ ପାଇଁ ପଠାଯାଇଥିଲା। ଚିହ୍ନଟ ହୋଇଥିବା ମୃତଦେହର ସମ୍ପର୍କୀୟଙ୍କୁ ଆଜି ଏମସକୁ ଡକାଯାଇଛି। ଆଜି ସକାଳେ ସେହି ସମ୍ପର୍କୀୟମାନେ ଭୁବନେଶ୍ୱର ଏମସରେ ପହଞ୍ଚିଛନ୍ତି। ଆଜି ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ଭୁବନେଶ୍ୱର ଏମସରେ ସମସ୍ତ ମୃତଦେହ ରହିଛି। ତେଣୁ ଯେଉଁମାନେ ମୃତଦେହ ନିଜ ଅଞ୍ଚଳକୁ ନେବେ ସେଥିପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ଯେଉଁମାନେ ନିଜ ଅଞ୍ଚଳକୁ ନେବେ ନାହିଁ ଏହିଠାରେ ସତ୍କାର କରିବାର ବ୍ୟବସ୍ଥା କରାଯାଇଛି। ଚିହ୍ନଟ ହୋଇଥିବା ୨୯ ମୃତଦେହ ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶାର ବୋଲି ଜଣାପଡିଛି। ମୋଟ ୮୧ଟି ମୃତଦେହ ଚିହ୍ନଟ ନ ହୋଇ ପାରି ଏମସରେ ରହିଥିଲା।

▶▶ପୃଷ୍ଠା ୭

ମହାପ୍ରଭୁଙ୍କ ଅଧରପଣା ପିଇ ଶାନ୍ତି ହେଲେ ରଥ ପାର୍ଶ୍ୱ ଦେବଦେବୀ: ଆଜି ରସଗୋଲା ଭୋଗ

ପୁରୀ, ୩୦/୦୬ (ନି.ପ୍ର): ଆଜି ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ତିନି ରଥ ଉପରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଧରପଣା ଭୋଗ କରାଯାଇଛି। ପରେ ଏହି ଅଧରପଣାକୁ ରଥ ପାର୍ଶ୍ୱ ଦେବଦେବୀଙ୍କୁ ସମର୍ପିତ କରିଦିଆଯାଇଛି। ଏହି ଅଧରପଣା ନୀତି ଦେଖିବାକୁ ଆଜି ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଏହି ସ୍ୱତନ୍ତ୍ର ନୀତି ପାଇଁ ରାଘବଦାସ ମଠ, ବଡ଼ ଓଡ଼ିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବରାଦ ଦିଆଯାଇଥିବା ଏକ ସ୍ୱତନ୍ତ୍ର ଅଧର ହାଣ୍ଡିରେ ଏହି ପଣା ପ୍ରସ୍ତୁତ ହୋଇଥିଲା। ଦୁଗ୍ଧ, ଜଳ, ସର, ଛେନା, କର୍ପୂର, ନବାତ, ଗୋଲମରିଚ, ଅଳେଇଚ ଓ ପାଚିଲାକଦଳୀ ଇତ୍ୟାଦି ସାମଗ୍ରୀରେ ଅଧରପଣା ପ୍ରସ୍ତୁତ ହୋଇଥିଲା। ପରେ ଏହାକୁ ପଞ୍ଚୋପଚାର ବିଧିରେ ଠାକୁରଙ୍କୁ ସମର୍ପଣ କରାଯାଇଥିଲା। ଉକ୍ତ ହାଣ୍ଡି ପଣା ଭୋଗକୁ ପୂଜାପଣ୍ଡା ସାମନ୍ତ ବାଡ଼େଇ ରଥ ପାର୍ଶ୍ୱ ଦେବଦେବୀ, ଯକ୍ଷ, କିନ୍ନର, ଚଣ୍ଡୀ, ଚାମୁଣ୍ଡାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଇଥିଲେ। ▶▶ପୃଷ୍ଠା ୭

ଓଟିଭି ସାମ୍ବାଦିକଙ୍କ ବିରୋଧରେ ହୋଇଥିବା ଅପରାଧିକ ମାମଲା ହାଇକୋର୍ଟରେ ଖାରଜ

ଭୁବନେଶ୍ୱର, ୩୦/୦୬ (ନି.ପ୍ର): କୋଭିଡ୍ ମହାମାରୀ ବେଳେ ଏକ ଖବର ପୋଷ୍ଟକୁ ନେଇ ଓଟିଭି ସାମ୍ବାଦିକଙ୍କ ବିରୋଧରେ ହୋଇଥିବା ଅପରାଧିକ ମାମଲା ହାଇକୋର୍ଟରେ ଖାରଜ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ?ସି) ଓଟିଭି ସାମ୍ବାଦିକଙ୍କ ବିରୋଧରେ ଏହି ମାମଲା ଦାୟର କରିଥିଲା। ୨୦୨୦ ମସିହା ଅଗଷ୍ଟ ମାସରେ ଓଟିଭି ସୋଶାଲ ମିଡିଆ ହାଣ୍ଡେଲରେ କରୋନା ଚିକିତ୍ସା ସମ୍ପର୍କିତ ଏକ ଅଡିଓର ପୋଷ୍ଟ କରାଯାଇଥିଲା। ଯେଉଁଥିରେ ଦୁଇଜଣ ବ୍ୟକ୍ତି କୋଭିଡ୍ ହସ୍ପିଟାଲରେ ଚିକିତ୍ସା ସମ୍ପର୍କୀତ ଅନୁଭୂତି ବର୍ଣ୍ଣନା ▶▶ପୃଷ୍ଠା ୭

ଛତିଶଗଡ଼ର ମନମାନି: ଖୋଲିଦେଲା କଲମା ବ୍ୟାରେଜର ୬୪ ଗେଟ୍



ଛତିଶଗଡ଼, ୩୦/୦୬ (ନି.ପ୍ର): ପୁଣି ଛତିଶଗଡ଼ ଦେଖାଇଛି ମନମାନି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ କଲମା ବ୍ୟାରେଜର ୬୪ଟି ଗେଟ୍ ଖୋଲି ଦେଇଛି ଛତିଶଗଡ଼। ଯାହାଫଳରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି। ସକାଳ ୯ଟା ସୁଦ୍ଧା ହୀରାକୁଦକୁ ୭୨ ହଜାର କ୍ୟୁସେକ୍ ଜଳ ପ୍ରବେଶ କରିଥିବା ବେଳେ ମଧ୍ୟାହ୍ନ ୧୨ ଟା ସୁଦ୍ଧା ହୀରାକୁଦ ଡ୍ୟାମକୁ ୭୯ ହଜାର କ୍ୟୁସେକ୍ ଜଳ ପ୍ରବେଶ କରିଛି। ଏବେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୩.୫୦ ଫୁଟ୍ ରହିଛି। କଲମା ବ୍ୟାରେଜ ଦେଇ ମହାନଦୀକୁ ପଶୁଛି ୧ ଲକ୍ଷ ୧୮ ହଜାର କ୍ୟୁସେକ ପାଣି। ପ୍ରତିବର୍ଷ ମୌସୁମୀ ସମୟରେ ଛତିଶଗଡ଼ ମନମାନି କରିଥାଏ। ଅଣ ମୌସୁମୀ ସମୟରେ କଲମା ବ୍ୟାରେଜର ସବୁ ଗେଟ୍ ବନ୍ଦ କରିଦିଏ। ମୌସୁମୀ ସମୟରେ ଉପରମୁଣ୍ଡରେ ପ୍ରବଳ ବର୍ଷା ହେଲେ କଲମା ବ୍ୟାରେଜ ସବୁ ଗେଟ୍ ଖୋଲି ଦିଏ। ▶▶ପୃଷ୍ଠା ୭

ରତ୍ନଭଣ୍ଡାର ଖୋଲିବାକୁ ହାଇକୋର୍ଟ ଗଲେ ବିଜେପି ନେତା ସମୀର ମହାନ୍ତି

ଭୁବନେଶ୍ୱର, ୩୦/୦୬ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ ପୁଣି ଥରେ ହାଇକୋର୍ଟରେ ପହଂଚିଛି। ରତ୍ନଭଣ୍ଡାର ଖୋଲିବା ସହ ତାର ସବିଶେଷ ତାଲିକା ପ୍ରସ୍ତୁତ କରିବାକୁ ହାଇକୋର୍ଟରେ ଆବେଦନ କରିଛନ୍ତି ବିଜେପି ନେତା ସମୀର ମହାନ୍ତି । ରାଜ୍ୟପାଳ କିମ୍ବା ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ କମିଟି ଗଠନ କରାଯାଇ ରତ୍ନ ଅଳଙ୍କାରର ତାଲିକା ପ୍ରସ୍ତୁତ କରିବା ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି । ରତ୍ନଭଣ୍ଡାରର ମରାମତି ନକରି ବିପଦ ସଙ୍କୁଳ ଅବସ୍ଥାରେ ରଖିବା ଅଭିଯୋଗ ଆଣିବା ସହ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି ସମୀର ମହାନ୍ତି । ଆବେଦନରେ ଗଜପତି ଦିବ୍ୟ ସିଂହଦେବ, ଗୃହ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରସାସକ, ପୁରୀ ଜିଲ୍ଲାପାଳ, ଆଇନ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ବିଜେପି ନେତା ସମୀର ମହାନ୍ତି ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ରୁଜୁ କରି ପୂର୍ବତନ ରାଜ୍ୟପାଳ ଶଙ୍କର ଦୟାଳ ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଢାଂଚାରେ

▶▶ପୃଷ୍ଠା ୭

ମୁଖ୍ୟମନ୍ତ୍ରୀ ଏନ୍. ବିରେନ ସିଂହଙ୍କ ଇସ୍ତଫା ନେଇ ଇମ୍ଫାଲ୍‌ରେ ହାଇ ଡ୍ରାମା

ଇମ୍ଫାଲ,୩୦/୦୬ : ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବିରେନ ସିଂହଙ୍କର ଇସ୍ତଫାପତ୍ରକୁ ଚିରି ଦେଲେ ମହିଳା ଆନ୍ଦୋଳନକାରୀ। ମୁଖ୍ୟମନ୍ତ୍ରୀ ଇସ୍ତଫା ନ ଦେଇ ବରଂ ଆନ୍ଦୋଳନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ମହିଳାମାନେ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା କଥା ଶୁଣି ଇମ୍ଫାଲ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଫିସ୍ ଓ ସଚିବାଳୟ ବାହାରେ ମହିଳାମାନେ ଆନ୍ଦୋଳନ କରିଥିଲେ। ମଣିପୁରର ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ଇସ୍ତଫା ନେଇ ଆସିଲା ନାଟକିୟ ମୋଡ଼। ତାଙ୍କ ଇସ୍ତଫା ପତ୍ର ଫାଡ଼ିଦେଲେ ମହିଳାମାନେ। ସେ ଆଜି ରାଜ୍ୟପାଳ ଅନୁସୂୟା ଉକିଙ୍କୁ ରାଜଭବନରେ ଭେଟି ନିଜର ଇସ୍ତଫାପତ୍ର ହସ୍ତାନ୍ତର କରିବାକୁ ଯିବାର ଥିଲା। ହେଲେ ତାଙ୍କ ଘର ବାହାରେ ମହିଳା ଓ ସମର୍ଥକଙ୍କ ବିଶାଳ ସମାବେଶ ଦେଖିବାକୁ ମିଳିଥିଲା। ସେମାନେ ସିଏମ୍ ବୀରେନ୍ ସିଂହଙ୍କୁ ସମର୍ଥନ କରି ତାଙ୍କ ଘର ବାହାରେ ବିରାଟ ମାନବ ଶୃଙ୍ଖଳ କରିଥିଲେ ଓ ଇସ୍ତଫାକୁ ବିରୋଧ କରିଥିଲେ। ଯାହା ପରେ ମନ ବଦଳାଇ ସିଏମ୍ ଏନ୍ ବୀରେନ୍ ସିଂହ ଇସ୍ତଫା ଦେବାକୁ ଆଉ ଯାଇନଥିଲେ। ତାଙ୍କ ଘରୁ ମଣିପୁରର ଦୁଇଜଣ ମନ୍ତ୍ରୀ ବାହାରିଥିଲେ। ସେମାନଙ୍କ ହାତରେ ସିଏମ୍ ଏନ୍ ବୀରେନ୍ ସିଂହଙ୍କ ଇସ୍ତଫା ପତ୍ର ଥିଲା। ଯାହାକୁ ମହିଳାମାନେ ଛଡ଼ାଇ ନେଇ ଚିରି ଟିକ୍‌ଟିକ୍ କରିଦେଇଥିବା ଜଣାପଡ଼ିଛି। ସେପଟେ ସେ ଇସ୍ତଫା ଦେବେ ନାହିଁ ବୋଲି ଟ୍ୱିଟ କରି ଲେଖିଛନ୍ତି ଏନ୍ ବୀରେନ୍ ସିଂହ। ଆଦିବାସୀ ଓ ଅଣ ଆଦିବାସୀଙ୍କ ସଂଘର୍ଷ ଯୋଗୁ ମଣିପୁର ଅଶାନ୍ତ ହୋଇ ପଡ଼ିଥିବା ବେଳେ ଏବେ ରାଜନୀତି ଜୋରଦାର ହୋଇଛି। ଯେତେବେଳେ କି ଗୁରୁବାର ହିଂସାରେ ୩ ଜଣଙ୍କ ପ୍ରାଣହାନୀ ହୋଇଥିବା ଜଣାପଡ଼ିଛି। ହିଂସାକାରୀଙ୍କୁ ଦମନ କରିବାକୁ ସୁରକ୍ଷାବାହିନୀ ଚେଷ୍ଟା କରିଥିଲା, ଏହି ସମୟରେ ଉଭୟପକ୍ଷ ଭିତରେ ଗୁଳିଗୋଳା ବର୍ଷୟ ହେବାରୁ ୩ ଜଣଙ୍କ ଜୀବନହାନୀ ହୋଇଛି। ସେପଟେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ମଣିପୁରରେ ଦୁଇଦିନିଆ ଗସ୍ତରେ ପହଞ୍ଚିଛନ୍ତି। ସେ ଶୁକ୍ରବାର ଇମ୍ଫାଲ ହୋଟେଲରେ ଏକ ବିଚାର ଧାରା ରଖୁଥିବା ଦଳର ନେତାମାନଙ୍କୁ ଭେଟିବେ। ଯାହା ଭିତରେ ୟୁନାଟେଡ୍ ନାଗା କାଉନ୍‌ସିଲ(ୟୁଏନ୍‌ସି), ନାଗରିକ ସମାଜ ସଂଗଠନ ମଧ୍ୟ ଅଛନ୍ତି। ଏନେଇ ଏଏନ୍‌ଆଇକୁ ମଣିପୁର କଂଗ୍ରେସ ସଭାପତି କିଶମ ମେଧଚନ୍ଦ୍ର ଦେଇଛନ୍ତି। ସେପଟେ ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁପ୍ ରହିବା ନେଇ ରାହୁଲ ଗାନ୍ଧି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, 'ସେ ଏଠାକୁ ରାଜନୀତି ବୟାନବାଜି କରିବାକୁ ଅସିନାହାନ୍ତି, ସେ ଏଠାରେ ଡନ୍ ପ୍ରସଙ୍ଗରେ ମଧ୍ୟ କିଛି କହିବେ ନାହିଁ, ଏଠାରେ ▶▶ପୃଷ୍ଠା ୭

ଗଛରେ ପିଟି ହେଲା କାର୍: ୩ ମୃତ

ନବରଙ୍ଗପୁର, ୩୦/୦୬ (ନି.ପ୍ର): ମେଡିକାଲରୁ ଘରକୁ ଫେରିଲା ବେଳେ ଗଛରେ ପିଟିହେଲା କାର। ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଗତକାଲି ବିଳମ୍ବିତରେ ନବରଙ୍ଗପୁର ଜିଲ୍ଲା ଉମରକୋଟ-ଝରିଗାଁ ମୁଖ୍ୟ ରାସ୍ତାର ବାସନି ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ରାଇଘର ଥାନା ଅନ୍ତର୍ଗତ ଛତାବେଡା ଗ୍ରାମର ଗାଡ଼ି ଚାଳକ ସୁରେଶ ମଣ୍ଡଳ, ସୋନପୁର ଗ୍ରାମର ଗୌରାଙ୍ଗ ରାୟ ଓ ଉମରକୋଟ ଥାନା ଅନ୍ତର୍ଗତ ଅଞ୍ଚଳ ଗ୍ରାମର ସତ୍ୟରଞ୍ଜନ ବେପାରୀ। ଗୁରୁତର ଆହତ ଥିବା ମହିଳା ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତକାଲି ବିଳମ୍ବିତ ରାତିରେ କାରରେ ଜଣେ ମହିଳା ସମେତ ୪ ଜଣ ଛତିଶଗଡ଼ର ଜଗଦଲପୁରରୁ ଫେରୁଥିଲେ। ସେମାନେ ମେଡିକାଲ କାମରେ ଜଗଦଲପୁର ଯାଇଥିବା ଜଣାପଡ଼ିଛି। ରାତିରେ ଘରକୁ ଫେରିବା ବେଳେ ବାଟରେ ରାସ୍ତାକଡ଼ରେ ଥିବା ଗଛରେ କାରଟି ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା।

କେନ୍ଦ୍ର ଅର୍ଡିନାନ୍ସ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲା ଆମ୍ ଆଦ୍‌ମୀ ପାର୍ଟି

ନୂଆଦିଲ୍ଲୀ,୩୦/୦୬ : କେନ୍ଦ୍ରର ଅର୍ଡିନାନ୍ସ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲା ଆମ ଆଦ୍‌ମୀ ପାର୍ଟି(ଆପ୍)। ଶୁକ୍ରବାର ଏନେଇ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରି କେନ୍ଦ୍ର ସରକାରଙ୍କ ଦିଲ୍ଲୀ ଅର୍ଡିନାନ୍ସ ଉପରେ ତୁରନ୍ତ ରହିତାଦେଶ ଲଗାଇବାକୁ ଦଳ ଦାବି କରିଛି। ଏହି ଅର୍ଡିନାନ୍ସ ନିର୍ବାଚିତ ସରକାରଙ୍କୁ ସିଭିଲ ସର୍ଭିସ୍ ଉପରେ ନିୟନ୍ତ୍ରଣ ରଖିବାରୁ ଦୂରେଇ ଦେଉଛି। ଅର୍ଡିନାନ୍ସ ଅସାମ୍ବିଧାନିକ କହିଛି ଆପ୍। ସୁପ୍ରିମକୋର୍ଟରେ ଆଦେନ ପରେ ବି ଆପ୍ ଜୁଲାଇ ୩ ତାରିଖ ଠାରୁ କେନ୍ଦ୍ର ଅର୍ଡିନାନ୍ସ ବିରୋଧରେ ▶▶ପୃଷ୍ଠା ୭

ବିଦ୍ୟା ମହାବିଦ୍ୟାଳୟରୁ ଛାତ୍ରୀ ନିଖୋଜ

କୋରେଇ, ୩୦/୦୬ : ପାଣିକୋଇଲିସ୍ଥିତ ବିଦ୍ୟା ଅବାସିକ ମହାବିଦ୍ୟାଳୟରୁ ଛାତ୍ରୀ ନିଖୋଜ ହୋଇଛି । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ନିଖୋଜ ମାମଲା କରି ତଦନ୍ତ ଜାରି ରଖିଛି । ପ୍ରକାଶଯେ ବାଲେଶ୍ୱର ସଦରଥାନା ଅନ୍ତର୍ଗତ ନୀଳବାଗ ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ପାତ୍ର ସସ୍ତ୍ରୀକ ବିହାରରେ ରୁହନ୍ତି । ପରିବାରର ଅନ୍ୟମାନେ ଗାଁରେ ରୁହନ୍ତି । ପାଣିକୋଇଲି ବିଦ୍ୟା ଆବାସିକ ମହାବିଦ୍ୟାଳୟରେ ପୂର୍ଣ୍ଣଙ୍କ ଝିଅ ବର୍ଷାରାଣୀ ପାତ୍ର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅଟେ । ଗତ ୨୨ ତାରିଖ ଗାଁରୁ ଆସି ବିଦ୍ୟାଳୟର ହଷ୍ଟେଲରେ ରହୁଥିଲା । ହଷ୍ଟେଲ ଯାଂଚ ସମୟରେ ତା ନିକଟରୁ ଏକ ମୋବାଇଲ ହଷ୍ଟେଲ ଇନଚାର୍ଯ୍ୟ ଧରିଥିଲେ । ଯେଉଁଥିରେ ତାର ଜଣେ ପୁରୁଷ ବନ୍ଧୁର ସୂଚନା ମିଳିଥିଲା । ଫଳରେ ତା ଠାରୁ ତା ମୋବାଇଲଟିକୁ ନେଇ ରଖାଯାଇଥିଲା । ବୁଧବାର ପାଣିକୋଇଲିରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ବିଦ୍ୟା ଆବାସିକ ବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନେ ଭାଗ ନେଇଥିଲେ । ବର୍ଷା ତାର ଦେହ ଭଲ ନାହିଁ କହି ହଷ୍ଟେଲରେ ରହିଥିଲା । ସମସ୍ତେ ଯିବା ପରେ ବର୍ଷା ହଷ୍ଟେଲରୁ ବାହାରି ଯାଇଥିଲା । ଯାହା ସିସିଟିଭି ଫୁଟେଜରୁ ଜଣାପଡିଛି । ଏନେଇ ବିଦ୍ୟାଳୟ ତରଫରୁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରାଯିବାପରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି । ପୁଲିସ ତଦନ୍ତ ଆରମ୍ଭ କରି ପ୍ରାଥମିକ ତଦନ୍ତରୁ ବର୍ଷା ତାର ପୁରୁଷ ବନ୍ଧୁ ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଅର୍ନ୍ତଗତ କୋଳିଗାଁ ଗ୍ରାମର ଚନ୍ଦନ ମଲିକଙ୍କ ସହ ଯାଇଥିବା ଜାଣିବାକୁ ପାଇଛି । ଚନ୍ଦନର ସାଂଗ ଓ ଚନ୍ଦନ ଘରକୁ ପୋଲସ ଯାଇ ତଦନ୍ତ କରିଛି । ହେଲେ ଚନ୍ଦନ ମଧ୍ୟ ଘରେ ନଥିବା ପୁଲିସ ସୂତ୍ରରୁ ଜଣାପଡିଛି । ଏନେଇ ପୁଲିସ ଅଧିକ ତଦନ୍ତ ଜାରି ରହିଛି ।

ଜମିଜମା ବିବାଦକୁ କେନ୍ଦ୍ରକରି ବିଧବା ମହିଳାଙ୍କୁ ସ୍କୁଲ ଶିକ୍ଷକଙ୍କ ଅସଦାଚରଣ : ଫାଣ୍ଡିରେ ଅଭିଯୋଗ

ବସ୍ତା, ୩୦/୦୬ (ନି.ପ୍ର): ବିବାଦୀୟ ସୀମାରେ ଗାତ ଖୋଳି ପାଚେରୀ କାନ୍ଥ ନିର୍ମାଣ କରିବାକୁ ଉଦ୍ୟମ କରୁଥିବା ସମୟରେ ପ୍ରତିବାଦ କରିବାରୁ ଜେନିକ ଅସହାୟ ବିଧବା ମହିଳାଙ୍କୁ ପୋଡ଼ଶୀଙ୍କ ଦୁର୍ବ୍ୟବହାର ଓ ଆକ୍ରୋଶର ଶିକାର ହେବାକୁ ପଡ଼ିଛି ।ସୁଚନା ଅନୁସାରେ ବସ୍ତା ବ୍ଲକ୍ ଅମର୍ଦ୍ଦାରୋଡ଼ ଫାଣ୍ଡି ଅଧିନସ୍ଥ ନଟାକଟା ପଞ୍ଚାୟତ ନରଣପୁର ଗ୍ରାମର ସୁମତି ଲତା ପଣ୍ଡିତ ଙ୍କ ଘର ପଛକୁ ସ୍ଥାନୀୟ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହୃଷିକେଶ ଜେନାଙ୍କ ଘରବାଡ଼ି ରହି ଅଛି ।ଉଭୟ ଦୁଇ ପୋଡ଼ଶୀଙ୍କ ମଧ୍ୟରେ ସୀମା ବିବାଦ ଲାଗି ରହିଥିଲା ।ପୂର୍ବରୁ ସୁମତି ପଣ୍ଡିତ ଘରେ ନଥିବାର ସୁଯୋଗ ନେଇ ଶିକ୍ଷକ ହୃଷିକେଶ ଜେନା ସୀମାରେ ଥିବା ପୁରୁଣା ଖୁଣ୍ଟକୁ ଉପାଡ଼ି ନୂତନ ଖୁଣ୍ଟ ପୋତି ଜଳାଇ କାର୍ଯ୍ୟ ସାରି ଦେଇଥିଲେ ।ଘରେ ପହଞ୍ଚି ସୁମତି ଦେଖିଲେ ଯେ ବିବାଦିୟ ଜାଗାରେ ପୁରୁଣା ଖୁଣ୍ଟ ଉପାଡି ଅନ୍ୟ ସ୍ଥାନରେ ଖୁଣ୍ଟ ପୋତା ଯାଇଛି । କାହିଁକି ଖୁଣ୍ଟପୋତି ସିମେଣ୍ଟ ଢଳାଇ ପକେଇଲ ବୋଲି ହୃଷିକେଶ ସାରଙ୍କୁ ସୁମତୀ ପଚାରିଥିଲେ ।ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ଶିକ୍ଷକ ହୃଷୀକେଶ ଅଭଦ୍ରାମି ଭାଷାରେ ଗାଳିଗୁଲଜ କରିବାସହିତ ଅଶ୍ଳୀଳ ଇଙ୍ଗିତ କରିଥିଲେ ।ଏ ବାବଦରେ ସୁମତି ୨୬ ।୩ ।୨୦୨୩ ରିଖ ରେ ଅମର୍ଦ୍ଦାରୋଡ଼ ଫାଣ୍ଡିରେ ଲିଖିତ ଏତେଲା ଦେଇଥିଲେ ।ଫାଣ୍ଡି ଅଧିକାରୀ ବିକାଶ କୁମାର ସେଠୀ ଓ ଗ୍ରାମର କିଛି ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ କୌଣସି ଏକ ଦିନ ଧାର୍ଯ୍ୟ କରି ଉଭୟଙ୍କ ପକ୍ଷରୁ ଅମିନ ଆଣି ସୀମା ନିର୍ଦ୍ଧାରଣ କରାଯିବ ବୋଲି ଆପୋସ ବୁଝାମଣାରେ ସ୍ଥିରୀକୃତ ହେଲା ।ଏହାପରେ ବିବାଦୀୟ ସୀମାରେ ଉଭୟଙ୍କ ପକ୍ଷରୁ ଅମିନ ଅଣାଯାଇ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଗତ ୨ ।୪ ।୨୨ ରେ ସୀମା ନିର୍ଦ୍ଧାରଣ କରାଗଲା ଓ ତହିଁ ପରଦିନ ସୁମତିଙ୍କ ଉପସ୍ଥିତିରେ ହୃଷୀକେଶ ସାର୍ ଉକ୍ତ ସୀମାରେ ସିମେଣ୍ଟରେ ପାଚେରୀ କାନ୍ଥ ନିର୍ମାଣ କରିନେବେ ବୋଲି କହିବାରୁ ସମସ୍ତେ ଏଥିରେ ସହମତି ପ୍ରକାଶ କରିଥିଲେ ।ମାତ୍ର ତା ପରଦିନ ପାଚେରୀ କାମ ନକରି ୨ଦିନ ପରେ ମଜୁରୀ ଲଗାଇ ବିବାଦୀୟ ସୀମା ଠାରୁ ଅଧିକ ଜାଗା ପର୍ଯ୍ୟନ୍ତ ଗାତ ଖୋଳି ଶେଷ ସୀମା ଖୁଣ୍ଟକୁ ମଧ୍ୟ ଉପାଡ଼ି ଫିଙ୍ଗି ଦେଇଥିଲେ । ଫଳରେ ସୁମତି ଗାଁର ଭଦ୍ରବ୍ୟକ୍ତିଙ୍କୁ ଏ ବାବଦରେ ଅବଗତ କରାଇଥିଲେ ।ଏହା ପରେ ଭଦ୍ରବ୍ୟକ୍ତିମାନେ ଏଥିରେ ପ୍ରତିବାଦ କରିବାରୁ ହୃଷୀକେଶ ସାର୍ ସମସ୍ତଙ୍କୁ ଗାଳିଗୁଲଜ କରିଥିଲେ । ଏହା ପରେ ଫାଣ୍ଡି ଅଧିକାରୀଙ୍କୁ ବିଚାର ବିରୋଧୀ କାର୍ଯ୍ୟ ସମ୍ପର୍କରେ ଜଣାଇଥିଲେ । ଫାଣ୍ଡି ଅଧିକାରୀଙ୍କ ତାଗିଦ୍ ଫଳରେ ଗାତ ଖୋଳିବା କାର୍ଯ୍ୟ ଅଧାରେ ଅଟକିଥିଲା । ଏହାପରେ ଉକ୍ତ ସୀମାରେ ଉଭୟ ଅମିନ ଆଣି ମାପ କରି ଅବଶିଷ୍ଟ ସୀମା ନିର୍ଦ୍ଧାରଣ କରିବାକୁ ଫାଣ୍ଡି ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଭଦ୍ରବ୍ୟକ୍ତିଙ୍କ ଜରିଆରେ ସୁମତିଙ୍କ ତରଫରୁ ବହୁବାର ମାପ ବାବଦରେ ହୃଷୀକେଶଙ୍କୁ ପଚରାଯାଇଥିବା ବେଳେ ହୃଷୀକେଶ ଫାଙ୍କି ମାରିଥିଲେ । ପ୍ରକାଶଥାଉକି ଆଜି ପୂର୍ବାହ୍ନରେ ଉକ୍ତ ବିବାଦୀୟ ସୀମା ଜାଗା ଉପରେ ଗାତ ଖୋଳି ପାଚେରୀ କାନ୍ଥ ନିର୍ମାଣ କରିବାକୁ ଉଦ୍ୟମ କରୁଥିବା ସମୟରେ ଏଥିରେ ପ୍ରତିବାଦ କରିବାରୁ ସୁମତିଙ୍କୁ ହୃଷୀକେଶଙ୍କ ଦୁର୍ବ୍ୟବହାର ଓ ଆକ୍ରୋଶର ଶିକାର ହେବାକୁ ପଡ଼ିଛି ।ସୁମତି ଅନ୍ୟ କିଛି ରାସ୍ତା ନପାଇ ପୁଣି ଥରେ ଭଦ୍ରବ୍ୟକ୍ତି ଓ ଆଇନର ଦ୍ୱାରସ୍ଥ ହୋଇଛନ୍ତି । ଆଜି ଅମର୍ଦ୍ଦା ଫାଣ୍ଡିରେ ସୁମତି ପଣ୍ଡିତ ଙ୍କ ଏତେଲା ମୂଳେ ଫାଣ୍ଡି ଅଧିକାରୀ ସନ୍ଦିପ କୁମାର କୁକୁର ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଏହି ଘଟଣା ସମ୍ବନ୍ଧରେ ଫାଣ୍ଡି ଅଧିକାରୀ ସନ୍ଦିପ କୁକୁର କୁହନ୍ତି ଦୁଇପକ୍ଷକୁ ଡ଼କାଯାଇ ସୀମା ନିର୍ଦ୍ଧାରଣ ଜନିତ ସମସ୍ୟାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଫୁଲବାଣୀ ଜିଲ୍ଲା ଦୌରାଜଜ୍ କୋର୍ଟ କମ୍ପ୍ଲେକ୍ସର ଭିତିପ୍ରସ୍ତର ସ୍ଥାପନ

କନ୍ଧମାଳ, ୩୦/୦୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫୁଲବାଣୀ ସ୍ଥିତ ଦାଦପାଲୁ ଠାରେ ହେବାକୁ ଥିବା ନୂତନ ଜିଲ୍ଲା ଦୌରାଜଜ୍ କୋର୍ଟ କମ୍ପ୍ଲେକ୍ସର ଭିତିପ୍ରସ୍ତର ସ୍ଥାପନ ହୋଇଛି । ଏହାକୁ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡଃ. ଏସ. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ଗାନ୍ଧୀ ସ୍ମୃତି ଭବନ ଠାରେ ଶୁଭ ଉଦ୍ଘାଟନ କରିଥିଲେ । ଏହି ଶୁଭ ଉଦ୍ଘାଟନ ସମୟରେ ମଂଚାସୀନ ଓଡିଶା ଉଚ୍ଚ ନ୍ୟାୟାଳୟର ଜଷ୍ଟିସ୍ ଏବଂ ବିଲଡିଂ କମିଟି ଅଧକ୍ଷ ଡଃ. ବି ଆର ଷଡଙ୍ଗୀ ଓ ଜଷ୍ଟିସ୍ ଏମ ଏସ ସାହୁ ଏଡମିନିଷ୍ଟ୍ରେଟିଭ୍ ଜଜ୍ କନ୍ଧମାଳ, ଜିଲ୍ଲା ଦୌରାଜଜ୍ ସତ୍ୟପିର ମିଶ୍ର, ଫୁଲବାଣୀ ଓକିଲ ସଂଘର ସଭାପତି ଭଗବାନ ମହାନ୍ତି, ସମ୍ପାଦକ କମଳ କୁମାର ବେହେରା ମଂଚାସୀନ ରହି ସେବା କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ଏହା ପରେ ସଭାପତି ଭଗବାନ ମହାନ୍ତି ଖୁସି ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଅତିଥିଙ୍କୁ ହୃଦୟର ସହିତ ଶୁଭେଚ୍ଛା ଜଣାଇ ଥିଲେ । ସେହିପରି ଜିଲ୍ଲା ଦୌରାଜଜ୍ ମୁଖ୍ୟ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ମାନ୍ୟବର ବିଚାରପତି ଡ଼ଃ. ଏମ ଏସ ସାହୁ ଜିଲ୍ଲାରେ ହେବାକୁ ଥିବା ଜିଲ୍ଲା ଦୌରାଜଜ୍ କୋର୍ଟ କମ୍ପ୍ଲେକ୍ସର ଭିତିପ୍ରସ୍ତର ସ୍ଥାପନ ଉପରେ ସୂଚନା ଦେଇଥିଲେ । ଏହା ସହିତ ବିଚାରପତି ବି. ଆର. ଷଡଙ୍ଗୀ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ପ୍ରଶାସନର ସହଯୋଗକୁ ଧନ୍ୟବାଦ ଦେବା ସହିତ ମୁଖ୍ୟ ବିଚାରପତିଙ୍କର ନିଷ୍ଠାପର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ନୂତନ ଭାବରେ ହେବାକୁ ଥିବା କୋର୍ଟ କମ୍ପ୍ଲେକ୍ସର ଏକ ଡକ୍ୟୁମେଂଟ୍ରି ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏଥି ସହିତ ଜିଲ୍ଲା ଓକିଲ ସଂଘକୁ ମଧ୍ୟ ସାଧୁବାଦ ଜଣାଇଥିଲେ । ଏହାପରେ ଜିଲ୍ଲା ଓକିଲ ସଂଘର ସମ୍ପାଦକ କମଳ ବେହେରା ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନଙ୍କ ପ୍ରଶଂସନୀୟ କାର୍ଯ୍ୟ, ଉତମ ଚିନ୍ତାକୁ ପ୍ରସଂଶା କରି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶୁଭ ଅବସରରେ ଜିଲ୍ଲା ଦୌରାଜଜଙ୍କ ସମେତ ଅନ୍ୟ ବିଚାରପତି, ଓକିଲ ସଂଘର ସମସ୍ତ ସଦସ୍ୟ ଓ ଜୁଡିସିଆଲ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକୁ ଯେ ଏମଏଫସି ସୋମ୍ୟଶ୍ରୀ ମହାପାତ୍ର ପରିଚାଳନା କରିଥିଲେ । ପରେ ଓକିଲ ସଂଘର ନିମନ୍ତ୍ରଣ ରକ୍ଷା କରି ବିଚାରପତି ଫୁଲବାଣୀ କୋର୍ଟ ପରିଦର୍ଶନ କରି ଓକିଲ ମାନଙ୍କୁ ସୁଚିନ୍ତିତ ମତ ଦେବା ସହିତ ତାଙ୍କର କାର୍ଯ୍ୟକଳାପକୁ ନେଇ ଖୁସି ବ୍ୟକ୍ତ କରିଥିଲେ ।

ପୋତି ଗଲାଣି ଡ୍ରେନ ରାସ୍ତାରେ ଭାସୁଛି : ନର୍ଦ୍ଦମାର ପାଣି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଦୁଇଟି ପଞ୍ଚାୟତବାସୀ

ଲଙ୍ଗଳେଶ୍ୱର, ୩୦/୦୬ (ନି.ପ୍ର): ବାଲିଆପାଳ ମୁଖ୍ୟ ବଜାର ବସଷ୍ଟାଣ୍ଡ ଠାରୁ ବ୍ଲକ ଛକ, ଏବଂ ବ୍ଲକ ଛକ ଠାରୁ ସିମୁଳିଆ ବଜାର ପର୍ଯ୍ୟନ୍ତ ଯାଇଥିବା ଡ୍ରେନ ପରିଷ୍କାର ହେଲାନାହିଁ ।

ବର୍ଷା ଋତୁ ଆସିଲା କୁଜ କୁଜ ଅଳିଆ ଆବର୍ଜନା ପଡି ଡ୍ରେନ ପୁତି ହେଲାଣି ।ଆବର୍ଜନା କୁଣ୍ଡ ଗୁଡିକରେ ଅଳିଆ ଆବର୍ଜନା ପଡି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି ।ଏପରିକି ବସଷ୍ଟାଣ୍ଡ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ କଡ଼ରେ ହୋଇଥିବା ଡ୍ରେନ ଗୁଡ଼ିକ ପୁତି ଗଲାଣି ।ଏବେ ମୌସୁମୀ ବର୍ଷାରେ ଡ୍ରେନରେ ଠିକ ଭାବରେ ପାଣି ନିଷ୍କାସନ ହୋଇପାରୁ ନାହିଁ ।ଯାହା ଫଳରେ ବର୍ଷା ହେଲେ ବଜାରରେ ଥିବା ଦୋକାନ ଘରେ ପାଣି ପଶୁଛି ।ଜୋର ବର୍ଷା ହେଲେ ପାରୁଳିଆ ଛକର ଅଧିକାଂଶ ଦୋକାନ ଘର ଭିତରେ ପାଣି ପଶୁଛି ।ଏହାବ୍ୟତୀତ ଏବେ ସବୁଠାରୁ ଅଧିକ ଅସୁବିଧାର ରେ ଅଛନ୍ତି ବାଲିଆପାଳ ଓ ବିଷ୍ଣୁପୁର ପଞ୍ଚାୟତର ଅଧିବାସୀମାନେ । କାରଣ ବାଲିଆପାଳ ବସଷ୍ଟାଣ୍ଡ ଠାରୁ ବିଷ୍ଣୁପୁର ରାସ୍ତାର କିଛି ବାଟରେ ତହସିଲ ଅଫିସ ପାଖରେ ଡ୍ରେନକୁ ଅସମ୍ପୂର୍ଣ୍ଣ କରି ଛାଡି ଦିଆଯାଇଛି ।ପ୍ରବଳ ବର୍ଷା ହେଲେ ବିଷ୍ଣୁପୁର ଗ୍ରାମକୁ ଯାଇଥିବା ପ୍ରଧାନ ମନ୍ତ୍ରୀ ସଡକ ରାସ୍ତା ଉପର ଦେଇ ବାଲିଆପାଳ ବଜାରର ସମ୍ପୂର୍ଣ୍ଣ ପାଣି ନିଷ୍କାସିତ ହେଉଛି ।ପ୍ରତିଦିନ ଡ୍ରେନର ପଚା ଦୁର୍ଗନ୍ଧ ପାଣିରେ ଜନ ସାଧାରଣ ଯାଅ ଆସ କରୁଛନ୍ତି ।ଏପରିକି ଖରାପ ପାଣିରେ ବର୍ଷ ବର୍ଷ ଧରି ଯିବା ଆସିବା କରିବା ଫଳରେ ଗୋଡ଼ରେ ବିଭିନ୍ନ ପ୍ରକାର ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।ବାଲିଆପାଳ ମୁଖ୍ୟ ବଜାରରେ ହୋଇଥିବା ଡ୍ରେନ ପାଣି ବାଲିଆପାଳ ତହସିଲ ଅଫିସ ପାଖ ଦେଇ ପାଣି ନିଷ୍କାସନ ହେବା କଥା । ମାତ୍ର ଦୀର୍ଘଦିନ ଧରି ଡ୍ରେନ ଅସମ୍ପୂର୍ଣ୍ଣ ହୋଇ ରହିଛି । ଯାହାବି ହୋଇଥିଲା ତାହା ଏବେ ଭାଙ୍ଗି ଗଲାଣି ।ଯାହା ଫଳରେ ପୁରା ବଜାର ପାଣି ବାଲିଆପାଳରୁ ବିଷ୍ଣୁପୁରକୁ ଯାଇଥିବା ମୁଖ୍ୟ ରାସ୍ତା ଉପର ଦେଇ ଡ୍ରେନର ପଚା ଦୁର୍ଗନ୍ଧ ପୂର୍ଣ୍ଣ ପାଣି ଯାଉଛି । ରାସ୍ତା ଉପରେ ଡାବ ଖୋଳା, କାଚ ବୋତଲ ଗଦା ହୋଇ ପଡିବାରୁ ବହୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି ଲୋକମାନେ । ସବୁଠାରୁ ଅଧିକ ଦୁର୍ଘଟଣାର ଶିକାର ହେଉଛନ୍ତି ସ୍କୁଲ ପିଲାମାନେ ।ଏହି ରାସ୍ତାରେ ବିଷ୍ଣୁପୁର ପଞ୍ଚାୟତର ବିଷ୍ଣୁପୁର, ନୟାବାଲି, ଇକଡ଼ପାଳ, ରସଲପୁର, ରାଉତରାପୁର, ବାଲିଆପାଳ ପଞ୍ଚାୟତର ସୁଙ୍ଗମୁହଁ, ତଳବାଲିଆପାଳ ଆଦି ଗ୍ରାମର ଲୋକମାନେ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ବୋଲି ଉତ୍ତମ ପିଳା, ନୀଳକଣ୍ଠ ଜେନା, ଶିବ ନାରାୟଣ ପାଳ, ସୁଦାମ ଚରଣ ଦାସ, ଜିତେନ୍ଦ୍ର ପାତ୍ର, କ୍ଷୀତିସ କୁମାର ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ବିଷୟରେ

ବାଲିଆପାଳ ବିଡ଼ିଓଙ୍କୁ ପଚାରିବାରୁ ଡ୍ରେନ କାର୍ଯ୍ୟ ପୂର୍ତ୍ତ ବିଭାଗ କରିବ ।ଏବିଷୟରେ ତାଙ୍କ ସହିତ ଯୋଗାଯୋଗ କରାଯାଇଛି । ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

ରଥଯାତ୍ରା ଅବସରରେ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା , ୩୦/୦୬ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ୨ୟ ଶ୍ରୀକ୍ଷେତ୍ର ବାରିପଦାର ମାଉସୀ ବାଡ଼ି ରାଧାମୋହନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଜଗନ୍ନାଥ ଭକ୍ତ ସମାଜ ଆନୁକୁଲ୍ୟରେ ଗତ ୨୩ ତାରିଖରୁ ଚାଲିଥିବା ମାନବଧର୍ମ ସଂପର୍କୀୟ, ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ହୃଦାନନ୍ଦ ସାହୁ ଶ୍ରୀରାମଚରିତ ମାନସ ଏବଂ ପଣ୍ଡିତ ଭାଗବତ ପଣ୍ଡା ଜଗନ୍ନାଥଙ୍କ ମାନବୀୟ ଲୀଳା ଉପରେ ବିସ୍ତୃତ ଅଲୋଚନା କରିଥିଲେ । ଉଦଯାପନ ସମାରୋହରେ ଭକ୍ତ ସମାଜ ତରଫରୁ ଅମ୍ରିତ କୁମାରମିଶ୍ର, ଦେବକାନ୍ତ ପଣ୍ଡା, ଦେବାଶିଷ ପଣ୍ଡା, ପ୍ରଦୀପ କୁମାର ପଣ୍ଡା, କାମେଶ୍ୱର ତ୍ରିପାଠୀ, ସୁନିଲ କୁମାର ପଣ୍ଡା ଓ ଚଣ୍ଡିପ୍ରସାଦ ଦାଶ ପ୍ରମୁଖ ସେବକଙ୍କୁ ମାନପତ୍ର ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ, ଭଜନ ପରିବେଷଣ ପାଇଁ ଅଧ୍ୟାପକ ପ୍ରଦୀପ କୁମାର ଦେ, ଶ୍ରୀ ହରିଦତ୍ତଙ୍କୁ ଗାୟକ ଭାବେ, ମୃଦଂଗବାଦକ ଭାବେ ଗୋପାଳଚନ୍ଦ୍ର ଦତ ଓ ତୋଫାନ ସିଂ ଏବଂ ଶ୍ରୀ ପାଳିଆ ଭାବେଗୋବର୍ଦ୍ଧନ ସିଂଙ୍କୁସମ୍ବର୍ଦ୍ଧିତ କରାଯାଇଥିଲା ଏହି ଅବସରରେ ବିଷିଷ୍ଟ ଗାୟକ ଉମେଶ ଚନ୍ଦ୍ର ବାରିକଙ୍କୁ ଗାୟକ ଶେଖର ଉପାଧି ପ୍ରଦାନ ପୁର୍ବକ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ବିଶ୍ୱମୋହନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭକ୍ତ ସମାଜର ଏ ଉଦ୍ୟମକୁ ଭୁରିଭୁରି ପ୍ରଶଂସା କରିବାସହିତ ସେବକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରବଚକ ଭାଗବତ ପଣ୍ଡା ସଂଚାଳନ କରିଥିବା ବେଳେ ବିଜୟ କୁମାର ମହାନ୍ତି ପ୍ରାରମ୍ଭିକ ବକ୍ତବ୍ୟ ଦେବାସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

ଲୋକକଳାର ପୂଜାରୀ ଶ୍ରୀ ଚନ୍ଦ୍ରମୋହନ ରାଉଳଙ୍କ ଉଚ୍ଚକୋଟିର ପାଲା ପରିବେଷଣ

ବାଲେଶ୍ୱର, ୩୦/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ସଦର ମହକୁମାରେ ଅନୁଷ୍ଠିତ ହେଉଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ଅବସରରେ ଜିଲ୍ଲାର ବିଶିଷ୍ଟ ପାଲା ଗାୟକ ଶ୍ରୀ ଚନ୍ଦ୍ରମୋହନ ରାଉଳ ଦୀର୍ଘ ନବ ଦିନ ବ୍ୟାପୀ ଯାତ୍ରାରେ ପ୍ରତ୍ୟେହ ଉଚ୍ଚ କୋଟୀର ପାଲା ପରିବେଷଣ କରୁଛନ୍ତି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ନିୟୋଜିତ ହୋଇ ଶ୍ରୀଗୁଣ୍ଡିଚାରେ ଦୁଇ ଦିନ ରଥ ଉପରେ ଏବଂ ପରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପ୍ରତ୍ୟେକ ଦିନ ସେ ସଚେତନତା ମୂଳକ ଏବଂ ପ୍ରଚାର ଓ ପ୍ରସାର ଧର୍ମୀ ବିଷୟକ ପାଲା ପରିବେଷଣ କରୁଛନ୍ତି । ବାହୁଡ଼ା ଯାତ୍ରା ଅବସରରେ ମଧ୍ୟ ଦୁଇ ଦିନ ରଥ ଉପରେ ସେ ପାଲା ପରିବେଷଣ କରିବେ । ପାଲା କଳା ପ୍ରତି ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗୀକୃତ ଶ୍ରୀ ଚନ୍ଦ୍ରମୋହନ ରାଉଳ ଏବଂ ତାଙ୍କ ପରିବାର । ପ୍ରକାଶ ଥାଉକି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଅଞ୍ଚଳର ଶ୍ରୀ ଚନ୍ଦ୍ରମୋହନ ରାଉଳ ଏକାନ୍ନବର୍ତ୍ତୀ ପରିବାର ଭାବେ ସପରିବାର ପାଲା ପରିବେଷଣ କରୁଛନ୍ତି । ଏହି ପରିବାର ବିଭିନ୍ନ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଲା ପରିବେଷଣ କରି ସମ୍ମାନିତ ହୋଇଛନ୍ତି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମର୍ପିତ ହୋଇ ଦୀର୍ଘ ବର୍ଷ ଧରି ରଥଯାତ୍ରା ସମୟରେ ଏହି ପରିବାର ନୀଳଗିରି ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପାଲା ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ କରିଆସୁଛନ୍ତି । ଶ୍ରୀ ଚନ୍ଦ୍ରମୋହନ ରାଉଳ ସଂସ୍କୃତି ବିଭାଗ ତରଫରୁ ଜଳେଶ୍ୱର ବ୍ଲକରେ ଲୋକକଳାକାର ମାନଙ୍କୁ ନେଇ

ପ୍ରିଣ୍ଟେଡ୍ ଲେଗିଙ୍ଗସ୍

ଦିନକୁ ଦିନ ବଦଳୁଛି ଫ୍ୟାଶନର ପରିଭାଷା । ଏକ ନିର୍ଦ୍ଦିଷ୍ଟ ଷ୍ଟାଇଲ୍ ବା ଡିଜାଇନ କିଛିଦିନ ପରେ ପୁରୁଣା ହୋଇଯାଇଛି । ହେଲେ ଫ୍ୟାଶନର ଏମିତି କିଛି ଟ୍ରେଣ୍ଡ ରହିଛି ଯାହା ଏଭରଗ୍ରୀନ । ଏହିପରି ଏକ ଟ୍ରେଣ୍ଡ ହେଉଛି ପ୍ରିଣ୍ଟେଡ୍ ଲେଗିଙ୍ଗସ । ପ୍ରିଣ୍ଟେଡ୍ ଲେଗିଙ୍ଗସ୍‌ର ଡିମାଣ୍ଡ ସବୁବେଳେ ରହୁଥିବାରୁ ଆପଣ ମଧ୍ୟ ଏହାକୁ ନିଜର ଷ୍ଟାଇଲ ଷ୍ଟେଟ୍‌ମେଣ୍ଟ କରିପାରିବେ ।

କଲେଜ ଛାତ୍ରୀ ଓ ଯୁବତୀମାନେ କିଛିଦିନ ଲେଙ୍ଗିଙ୍ଗସ ପିନ୍ଧିବାପରେ ସେଗୁଡ଼ିକୁ ଫିଙ୍ଗିଦେଇ ନୂଆ କିଣିବା ପସନ୍ଦ କରନ୍ତି । କିନ୍ତୁଏମିତି କିଛି ଲେଗୀଙ୍ଗସ ରହିଛି ଯାହା ପିନ୍ଧିବାକୁ ଆରାମଦାୟକ । ଆଉ ସେଗୁଡ଼ିକ କେବେହେଲେ ପୁରୁଣା କାଳିଆ ଦେଖାଯିବ ନାହିଁ । ଏପରିକି ଜଣେ ସେଗୁଡ଼ିକ ପିନ୍ଧିବା ପାଇଁ ନିର୍ଦ୍ଦିଷ୍ଟ ଉଚ୍ଚତା ବା ଆକାରର ହେବା ବି ଦରକାର ନାହିଁ ।

ଉଚ୍ଚତା ଓ ଶାରୀରିକ ଗଠନ ଅନୁସାରେ ଏହି ଲେଗିଙ୍ଗସ ଗୁଡ଼ିକ ଖାପ ଖାଇତାଏ । ଏଗୁଡ଼ିକ ମୁଖ୍ୟତଃ ପ୍ରିଣ୍ଟେଡ୍ ଲେଗିଙ୍ଗସ । ଏଗୁଡ଼ିକୁ ଗାଢ଼ ରଙ୍ଗର ଟପ୍‌ସ, ପ୍ରିଣ୍ଟେଡ଼ ଟପସ୍, କାଜୁଆଲ ଏବଂ ଜ୍ୟାକେଟ୍ ସହିତ ପିନ୍ଧାଯାଇପାରିବ । ସେଥିମଧ୍ୟରେ ରହିଛି ଆର୍ମି ପ୍ରିଣ୍ଟ ଲେଗିଙ୍ଗସ୍, କାମୋ ପ୍ରିଣ୍ଟ, ଚେକଡ ଲେଗିଙ୍ଗସ୍, ଫ୍ଲୋରାଲ ପ୍ରିଣ୍ଟ ଏବଂ ସିକ୍ୱିନ୍‌ଡ଼ ଲେଗିଙ୍ଗସ, ଜିଓମେଟ୍ରିକ ପ୍ରିଣ୍ଟ, ଟ୍ରାଇବାଲ ପ୍ରିଣ୍ଟ ଲେଗିଙ୍ଗସ ସବୁବେଳେ ଟ୍ରେଣ୍ଡରେ ରହିଆସିଛି । ଏଗୁଡ଼ିକ କେବେହେଲେ ପୁରୁଣାକାଳିଆ ଦେଖାଯିବ ନାହିଁ ବରଂ ଜଣକୁ ଗ୍ଲାମରସ୍ ଲୁକ୍ ଦେବ ।

ଲିଓପାର୍ଡ଼ ପ୍ରିଣ୍ଟ: ପ୍ରିଣ୍ଟେଡ଼ ଲେଗିଙ୍ଗସ ମଧ୍ୟରେ ଲିଓପାର୍ଡ଼ ବା ଚିତାବାଘ ପ୍ରିଣ୍ଟ ବର୍ତ୍ତମାନ କମ ବୟସର ଝିଅମାନଙ୍କୁ ବେଶ୍ ଆକୃଷ୍ଟ କରିଛି । କେବଳ ଚଦିତାବାଘ ନୁହେଁ ବିଭିନ୍ନ ପଶୁପକ୍ଷୀ ମୋଟିଫର ଲେଗିଙ୍ଗ୍‌ସ ଏକ ପ୍ରକାର ଏଲିଗାଣ୍ଟ ଓ ଫ୍ୟାଶନବେଲୁ ଲୁକ ଦେଇଥାଏ । ଏଭଳି ବଟମ ୱିୟର ସହିତ ଆପଣ କିଛି ସଲିଡ଼ କଲେର ଟପ୍‌କୁ ଟିମଅପ୍ କରିପାରିବେ । ଟପ୍ ଉପରେ ଏକ ଜ୍ୟାକେଟ୍ ବ୍ୟବହାର କଲେ ଏହା ଆପଣଙ୍କ ଲୁକକୁ ଆହୁରି ଷ୍ଟାଇଲିସ୍ କରିବ ।

ଚେକ୍ ପ୍ରିଣ୍ଟ: ଚେକ୍ ବା ଷ୍ଟ୍ରାଇପ୍ ପ୍ରିଣ୍ଟ ହେଉଛି ଏଭରଗ୍ରୀନ୍ ଫ୍ୟାଶନ୍ । ଏହି ଫ୍ୟାସନ୍ କେତେବେଳେ ଆଉଟହେଟେଡ୍ ହୁଏନି । ତେଣୁ ଚେକ ପ୍ରିଣ୍ଟ ଲେଗିଙ୍ଗସ୍‌କୁ ମଧ୍ୟ ଆପଣ ବର୍ଷର ସବୁ ସମୟର ଟିମଅପ୍ କରିପାରିବେ । ଚେକପ୍ରିଣ୍ଟ ଲେଗିଙ୍ଗସ ସହ ଆପଣ ସଟ୍ କୁର୍ତ୍ତି କିମ୍ବା ଫର୍ମାଲ ଯପ୍ ବ୍ୟବହାର କରିପାରିବେ । ଏହି ଗେଟଅପରେ ଆପଣ ଜୁତି ପିନ୍ଧିଲେ ଅଧିକ ଷ୍ଟାଇଲିସ୍ ଲାଗିବେ ।

ଟ୍ରାଇବାଲ ପ୍ରିଣ୍ଟ: ଯେଉଁମାନଙ୍କୁ ଟିକେ ପାରମ୍ପରିକ ଲୁକ ପସନ୍ଦ ସେମାନେ ଟ୍ରାଇବାଲ ପ୍ରିଣ୍ଟ ପସନ୍ଦ ବକରିବା ଭଲ । କାରଣ ଏହା ଏକ ଏଲିଗାଣ୍ଟ ଓ ଷ୍ଟାଇଲିସ ଲୁକ୍ ଦେଇତା, । ପ୍ରିଣ୍ଟେଡ୍ ଲେଗିଙ୍ଗସ ସହ କାଜୁଆଲ ଟପ୍ କିମ୍ବା ସଟ୍ କୁର୍ତ୍ତି ମଧ୍ୟ ବେଶ୍ ମାନିବ । ଏଥିରେ ଆପଣ ମଧ୍ୟ ଷ୍ଟାଇଲିସ୍ ସ୍କାର୍ଫ ବ୍ୟବହାର କରିପାରିବେ ।

ଆର୍ମିପ୍ରିଣ୍ଟ: ।ର୍ମି ପ୍ରିଣ୍ଟ ଲେଗିଙ୍ଗସ ମଧ୍ୟ ଆପଣଙ୍କୁ ଦେଇପାରିବ ଏକ ସ୍ମାର୍ଟ ଲୁକ୍ । ଚ-ଯଉଁମାନେ ଟିକେ ସ୍ପୋର୍ଟି ଲୁକ ଚାହୁଁଥାନ୍ତି ସେମାନେ ମଧ୍ୟ ଏହି ପ୍ରକାର ଲେଗିଙ୍ଗସ ପିନ୍ଧାପରିବେ । ଆର୍ମି ପ୍ରିଣ୍ଟ ଲେଗିଙ୍ଗସ ସହ ଆପଣ ପ୍ଲେନ ଟପ ଓ କ୍ୟାପ ବ୍ୟବହାର କଲେ ଅଧିକ ଷ୍ଟାଇଲିସ୍ ଲାଗିବ ।

ଜିଓମେଟ୍ରିକ୍ ପ୍ରିଣ୍ଟ: ଜିଓମେଟ୍ରିକ ପ୍ରିଣ୍ଟ ବା ଆବଷ୍ଟ୍ରାକ୍ଟ ପ୍ରିଣ୍ଟ ମଧ୍ୟ ବେଶ୍ ଡିମାଣ୍ଡରେ । ଟିକେ ହଟକେ ବା ଆଣ୍ଟିକ ଲୁକ୍ ଚାହୁଁଥିବା ଯୁବତୀମାନେ ଏହି ପ୍ରିଣ୍ଟେଡ଼ ଲେଗିଙ୍ଗସକୁ କରିପାରିବେ ନିଜର ଷ୍ଟାଇଲ ଷ୍ଟେଟମେଣ୍ଟ । ଏହି ଲେଗିଙ୍ଗସ ସହ ଆପଣ ଲଡ଼୍ ଗସିଫନ କୁର୍ତ୍ତି କିମ୍ବା ସିଫନ ଟପସ ବ୍ୟବହାର କରିପାରିବେ । ନିଜର ପରଫେକ୍ଟ ଆଉଟଫିଟ୍ ପାଇଁ ଏଥିରେ ସିଫନ୍ ସ୍କାର୍ଫ ସହ ସ୍ରଗ୍ ବ୍ୟବହାର କଲେ ଅଧିକ ଷ୍ଟାଇଲିସ୍ ଲାଗିବ ।

ମିଳୁଛି କେଉଁଠି: ପ୍ରିଣ୍ଟେଡ଼ ଲେଗିଙ୍ଗସ ବିଗ୍‌ବଜାର, ପାଣ୍ଟାଲୁନ୍ସ, ମ୍ୟାକ୍ସ, ରିଲାଏନ୍ସ, ଟ୍ରେଣ୍ଡ ସେଣ୍ଟ୍ରାଲ, ବିଗମାର୍ଟ ଭଳି ସପିଂମଲ ସମେତ ଦାମୀ ମାର୍ଗେଣ୍ଟସ ଷ୍ଟୋରଗୁଡ଼ିକରେ ମଧ୍ୟ ଉପଲବ୍ଧ । ଏଗୁଡ଼ିକର ସର୍ବନିମ୍ନ ମୂଲ୍ୟ ୫୦୦ରୁ ଆରମ୍ଭ ହେଉଛି ।

ଫ୍ୟାଶନରେ କଲମକାରୀ

ଆଜିକାଲି ଫ୍ୟାଶନରେ 'କଲମକାରୀ' ଶବ୍ଦଟି ବେଶ୍ ଶୁଣିବାକୁ ମିଳୁଛି । ଏହା କୌଣସି ଡିଜାଇନ ପୋଷାକ ନୁହେଁ । କଲମକାରୀ ହେଉଛି ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ଏକ ପାରମ୍ପାରିକ ଚିତ୍ରକଳା ଯାହାର ଝଲକ ଦେଖିବାକୁ ମିଳିଥାଏ ପୋଷାକରେ । ଆଜିକାଲି ପ୍ରିଣ୍ଟର ଶାଢ଼ି, ପୋଷାକ ଓ ଅନ୍ୟାନ୍ୟ ଆକ୍ସେସରି ଟ୍ରେଣ୍ଡରେ ଅଛି ।

ଆଜିକାଲି ଫ୍ୟାଶନରେ 'କଲମକାରୀ' ଶବ୍ଦଟି ବେଶ୍ ଶୁଣିବାକୁ ମିଳୁଛି । ଏହା କୌଣସି ଡିଜାଇନ ପୋଷାକ ନୁହେଁ । କଲମକାରୀ ହେଉଛି ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ଏକ ପାରମ୍ପାରିକ ଚିତ୍ରକଳା ଯାହାର ଝଲକ ଦେଖିବାକୁ ମିଳିଥାଏ ପୋଷାକରେ । ଆଜିକାଲି ପ୍ରିଣ୍ଟର ଶାଢ଼ି, ପୋଷାକ ଓ ଅନ୍ୟାନ୍ୟ ଆକ୍ସେସରି ଟ୍ରେଣ୍ଡରେ ଅଛି ।

କଲମକାରୀ ପ୍ରିଣ୍ଟରେ ସବୁଠୁ ସୁନ୍ଦର ଲାଗେ ଶାଢ଼ି । ହାଇନେକ ଓ ସର୍ଟସ୍ଲିଭ ବ୍ଲାଉଜ ସହିତ ଏହି ଶାଢ଼ି ଆପଣଙ୍କୁ ଦେଇପାରିବ ଏକ ଆଭିଜାତ୍ୟଭରା ଲୁକ୍ ।

କଲମକାରୀ ପ୍ରିଣ୍ଟ ଉଭୟ ସିଲ୍କ ଓ ଟସରରେ ବି ଉପଲବ୍ଧ । ସିଲ୍କ କିମ୍ବା

ଟସରରେ କଲମକାରୀ ପିନ୍ଧୁଥିଲେ ଟିମ୍ ଅପ କରନ୍ତୁ ସଲିଡ୍ କଲରର ଖଦି ସିଲ୍କ ବ୍ଲାଉଜ ।

କଟନ କଲମକାରୀ ଶାଢ଼ି ସହିତ ପ୍ରିଣ୍ଟେଡ ବ୍ଲାଉଜ ପିନ୍ଧିଲେ ଟିକେ ଉତ୍କଟ ଲାଗିପାରେ । ତେଣୁ ଏହା ସହିତ ମ୍ୟାଚିଂ କଲମର ଷ୍ଟ୍ରଇପ କିମ୍ବା ଯେକୌଣସି ଜିଓମେଟ୍ରିକାଲ ପ୍ରିଣ୍ଟର ବ୍ଲାଉଜ ପିନ୍ଧି ପାରନ୍ତି ।

ପ୍ରିଣ୍ଟେଡ୍ ଶାଢ଼ି ପିନ୍ଧିବାକୁ ଭଲ ଲାଗୁନଥିବାରୁ ଆପଣ ହୁଏତ କଲମକାରୀ ପିନ୍ଧିବା ପୂର୍ବରୁ ଦଶଥର ଚିନ୍ତା କରୁଛନ୍ତି ପିନ୍ଧିବେ କି ନାହିଁ । କଲମକାରୀ ଶାଢ଼ି ପିନ୍ଧିବା ଦରକାର ନାହିଁ ଯଦି ଆପଣଙ୍କୁ ପ୍ରିଣ୍ଟେଡ୍ ଶାଢ଼ି ପସନ୍ଦ ନୁହେଁ । ଏ କ୍ଷେତ୍ରରେ ଆପଣ ଖଦି କିମ୍ବା ଲିନେନର ପ୍ଲେନ ଶାଢ଼ି ସହିତ କଲମକାରୀ ଡିଜାଇନର ବ୍ଲାଉଜ ପେୟାର ଅପ୍ କରନ୍ତୁ ।

ଅଳ୍ପବୟସୀଙ୍କ ପାଇଁ କଲମକାରୀ ପ୍ରିଣ୍ଟର ଲଙ୍ଗ ସ୍କର୍ଟ, ପାଲାଜୋ ବଢ଼ିଆ ମାନିବ । ଏହା ସହିତ ଖଦି କିମ୍ବା ସୂତାର ସଲିଡ୍ କଲର ସର୍ଟ କୁର୍ତ୍ତା କିମ୍ବା ଟପ୍ ଟିମ୍ କରିପାରନ୍ତି ।

ଜିନ୍ସ କିମ୍ବା ଖଦିର ଟ୍ରାଉଜର ସହିତ କଲମକାରୀ ପ୍ରିଣ୍ଟର ଲଙ୍ଗ କୁର୍ତ୍ତାଗ୍ଲାମ ଲୁମ୍ ଦେଇପାରିବ ଯଦି ଆପଣ ଏହାକୁ ଆତ୍ମବିଶ୍ୱାସର ସହିତ କ୍ୟାରି କରିପାରିବେ ।

ଆଜିକାଲି ବଜାରରେ କଲମକାରୀ ପ୍ରିଣ୍ଟର ଦୁପଟ୍ଟା ଓ ଷ୍ଟୋଲ ମଧ୍ୟ ମିଳୁଛି । ସଲିଡ୍ କଲରର କୁର୍ତ୍ତା ସହିତ ପେୟାର ଅପ୍ କରିପାରିବ ଏହି ଦୁପଟ୍ଟା ଓ ଷ୍ଟୋଲ ।

ଫେଷ୍ଟିଭ ଲୁକ୍ ପାଇବାକୁ ଚାହୁଁଥିଲେ କୁର୍ତ୍ତା ଉପରେ ପିନ୍ଧନ୍ତୁ କଲମକାରୀ ଜ୍ୟାକେଟ । କାନରେ ଟେମ୍ପଲ ଡିଜାଇର ଝୁମୁକା । କୁର୍ତ୍ତାର ରଙ୍ଗ ଯଥାସମ୍ଭବ ଗାଢ଼ ରଖନ୍ତୁ । ଆହୁରି ଗ୍ଲାମରସ୍ ଲାଗିବେ ।

ବର୍ଷାଦିନେ ପୋଡ଼ାମକା ପ୍ରତି ସତର୍କ

ବର୍ଷାଦିନେ ରାସ୍ତା କଡ଼ରେ ଠିଆ ହୋଇ ପୋଡ଼ାମକା ଖାଇବାର ମଜା ହିଁ କିଛି ନିଆରା ରହିଥାଏ । କିନ୍ତୁ ଏହି ମଜାମସ୍ତି ଏବଂ ମକାର ସ୍ୱାଦରେ ଆମେ ଏହାର କୁପ୍ରଭାବକୁ ଭୁଲି ଯାଇଥାଉ । କାରଣ ଦିନସାରା ଖୋଲା ଆକାଶ ଥିବା ଏହି ପୋଡ଼ା ମଜା ସ୍ୱାସ୍ଥ୍ୟ ଉପରେ ଅନେକ ନକରାତ୍ମକ ପ୍ରଭାବ ପକାଇଥାଏ । ପାଉଁସର ପୋଡ଼ା ଯାଉଥିବା ଏହି ମକା ବିଭିନ୍ନ ବାୟୁ ପ୍ରଦୂଷଣର ସଂସ୍ପର୍ଶରେ ଆସିଥାଏ । ପାଉଁସର ପୋଡ଼ା ଯାଉଥିବା ଏହି ମକା ବିଭିନ୍ନ ବାୟୁ ପ୍ରଦୂଷଣର ସଂସ୍ପର୍ଶରେ ଆସିଥାଏ, ଯାହା ଆମ ଶରୀର ପାଇଁ ସମ୍ପୂର୍ଣ୍ଣ ରୂପେ କ୍ଷତିକାରକ । ରାସ୍ତା କଡ଼ରେ ବିକାଯାଉଥିବା ଏହି ମକାକୁ ଆପଣ ଧ୍ୟାନ ପୂର୍ବକ ଦେଖିଲେ ଜାଣିପାରିବେ କି, ଏହା ବିଲକୁଲ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ କରାଯାଉଛି । ମକାରେ ଲଗାଯାଉଥିବା ଲୁଣ, ଲେମ୍ବୁ ସଫାସୁତରା ନଥିବାବେଳେ ରାସ୍ତାରେ ଉଡୁଥିବା ଧୂଳି ଏଥିରେ ମିଶିବାର ସମ୍ଭାବନା ଥାଏ । ଏପରିକି ବିଭିନ୍ନ ସମୟରେ ପଇସା ବଞ୍ଚାଇବା ଉଦ୍ଦେଶ୍ୟରେ ଦୋକାନି ନିମ୍ନମାନର ମସଲା ବ୍ୟବହାର କରିଥାନ୍ତି ।

ବନ୍ଧାକୋବି ଖାଇ ମସ୍ତିଷ୍କରେ କୀଟ

ବନ୍ଧାକୋବି ସ୍ୱାସ୍ଥ୍ୟ ପ୍ରତି ହିତକର ହେଲେ ବନ୍ଧାକୋବି କିଣିବା ସମୟରେ ସତର୍କତା ଅବଲମ୍ବନ ନକଲେ ହୁଏ କୀଟ ମାନଙ୍କର ବଂଶ ବିସ୍ତାର । ବନ୍ଧାକୋବି ଖାଇ ନୂଆଦିଲ୍ଲୀର ଜଣେ ୮ବର୍ଷୀୟ ଶିଶୁ ରୋଗାକ୍ରାନ୍ତ ହୋଇଥିବାର ଜଣାପଡ଼ିଛି । ଶିଶୁଟି ବନ୍ଧାକୋବି ଖାଇବା ଦ୍ୱାରା ସେଥିରେ ଥିବା ଫିତାକୃମି ବା ଟେପୱର୍ମ ରକ୍ତରେ ଅଣ୍ଡା ଦେବାରୁ ଦେହରେ ରକ୍ତ ସଂଚାଳନ ଫଳରେ ସେହି କୀଟ ମାନଙ୍କର ଅଣ୍ଡା ମସ୍ତିଷ୍କ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ମିଳିଥିବା ସୂଚନାନୁଯାୟୀ ବନ୍ଧାକୋବି ଖାଇବା ଦ୍ୱାରା ଶିଶୁଟିର ମୁଣ୍ଡ ବୁଲାଇବା ସହ ଦେହ ଦୁର୍ବଳ ହୋଇଯାଇଥିଲା । ଫଳରେ ପିଲାଟି ବେହୋସ ହୋଇଯିବାରୁ ତାକୁ ନିକଟସ୍ଥ ହସ୍ପିଟାଲ ପଠାଇ ଦିଆଗଲା । ସେଠାରେ ଡାକ୍ତର ସିଟିସ୍କାନ କରିବାକୁ ମସ୍ତିଷ୍କରେ କିଛି ଧଳା ରଙ୍ଗର ଛୋଟ ଛୋଟ ଦାଗ ଦେଖିଥିଲେ । ସେହି ଦାଗ କୃମି ମାନଙ୍କର ଅଣ୍ଡା ବୋଲି ପ୍ରାଥମିକ ସ୍ତରରେ ଜଣାପଡ଼ିଥିଲା । ଶତାଧିକ କୃମିମାନଙ୍କର ଅଣ୍ଡା ଦେଖି ଡାକ୍ତର ଆଶ୍ଚର୍ଯ୍ୟ ହେବା ସହ ଅପରେସନ କରିବାକୁ ପରାମର୍ଶ ଦେଲେ । ଏହାକୁ ନ୍ୟୁରୋ ସିସ୍ଟୀସରକୋସିସ ବୋଲି କୁହାଯାଏ । ବିଶେଷତଃ ପତ୍ର ଜାତୀୟ ଖାଦ୍ୟ ଓ ମାଛ ମଧ୍ୟରେ ଏହି କୃମି ରହିଥାନ୍ତି । ବର୍ଷାଦିନେ ପନିପରିବା ଓ ଶାଗଜାତୀୟ ଖାଦ୍ୟ ଭଲରେ ନଧୋଇଲେ କିମ୍ବା ଅଧା ସିଝା ଖାଇଲେ ଏହି ପ୍ରକାର ରୋଗ ହୋଇଥାଏ ବୋଲି ଜଣାପଡ଼ିଛି । ଶିଶୁଟି ଅପରେସନ ପରେ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି ।

ଆମ୍ବରେ ରହିଛି ସୌନ୍ଦର୍ଯ୍ୟ

- ଆମ୍ବ ଟାକୁଆକୁ କ୍ଷୀରରେ ସିଝାଇ ମୁଣ୍ଡରେ ଲଗାଇଲେ ରୂପି ଦୂର ହୋଇଥାଏ ।
- ଆମ୍ବ ପତ୍ର ଓ ଜାମୁପତ୍ରକୁ ଏକାଠି ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହୋଇଥାଏ ।
- ଆମ୍ବରେ ଭିଟାମିନ-ଏ ଭରପୁର ମାତ୍ରାରେ ରହିଥାଏ । ତେଣୁ ଏହାର ଜୁସ ପିଇଲେ ତ୍ୱଚାର ଚମକ ବଢ଼ିଥାଏ ।

ଆମ୍ବ ଓ ହଳଦୀକୁ କ୍ଷୀରୋରେ ମିଶାଇ ପେଷ୍ଟକରି ଫେସ ପ୍ୟାକ ତିଆରି କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ ପରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ଚେହେରାରେ ଏକ ଅପୂର୍ବ ଉଜ୍ଜ୍ୱଳତା ଆସିଥାଏ ।

- କଞ୍ଚା ଆମ୍ବକୁ ସିଝାଇ ତାକୁ ଦେହରେ ଘଷିଲେ ଦେହରେ ମଧ୍ୟ ଉଜ୍ଜ୍ୱଳତା ଆସେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଅନ୍ୟକୁ ଦୋଷଦେବା...

ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଏବଂ ସେଠାକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ତାଙ୍କୁ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧୁକ ଘନିଷ୍ଠ କରିବାକୁ ବିଭିନ୍ନ ପ୍ରସଙ୍ଗରେ ବୁଝାମଣା ହେବା ପାକିସ୍ତାନ ଆଖ୍ୟାରେ ଯାଇନାହିଁ । ଫଳରେ ଏହା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାରତ-ଆମେରିକା ମିଳିତ ବିବୃତି ଉପରେ, ଆଉ ଏହା ହିଁ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ସ୍ୱାଭାବିକ ଭାବରେ ଅନୁପ୍ରେରିତ କରିଛି ପାକିସ୍ତାନକୁ ଲକ୍ଷ୍ୟଭୁକ୍ତ କରି ତାଙ୍କର ପ୍ରତିକ୍ରିୟାତ୍ମକ ବିବୃତି ପ୍ରଦାନ କରିବାକୁ, ଯାହା ଅଧିକାଂଶ ଭାରତୀୟଙ୍କ ପ୍ରଶଂସା ଅବଶ୍ୟ ଅର୍ଜନ କରିବ । ସେ କହିଛନ୍ତି ଯେ ପାକିସ୍ତାନ ଦ୍ୱାରା ବେଆଇନ ଭାବରେ କାଶ୍ମୀର ଅଧିକାର କରାଯିବା ଖୁବ୍ ଶୀଘ୍ର ଶେଷ ହେବ, କାରଣ ପାକିସ୍ତାନ-ଅଧିକୃତ କାଶ୍ମୀର (ପିଓକେ)ରେ ବାସ କରୁଥିବା ଲୋକମାନେ ଭାରତ ସହିତ ପୁନର୍ବାର ମିଶିବାକୁ ଆଗ୍ରହ ପ୍ରକାଶ କରିବେ । ତା'ପରେ ପିଓକେ ଭାରତ ସହିତ ପୁଣିଥରେ ମିଶିଯିବ ବୋଲି ଶ୍ରୀଯୁକ୍ତ ସିଂହ ଏକ ସ୍ୱାଗତଯୋଗ୍ୟ ବିବୃତି ପ୍ରଦାନ କରି କହିଛନ୍ତି । ଏହା କହିବା ବେଳେ ଶ୍ରୀଯୁକ୍ତ ସିଂହ ନା ତ ଏଥପାଇଁ କୌଣସି ଯୁଦ୍ଧର ସମ୍ଭାବନା ଥିବା ସମ୍ପର୍କରେ ଉଲ୍ଲେଖ କରିଛନ୍ତି, ନା କହିଛନ୍ତି ଏ ଦିଗରେ ଭାରତ କୌଣସି ପ୍ରକାରର ପଦକ୍ଷେପ ନେଉଥିବା ସମ୍ପର୍କରେ । ସେ ଏହା କହିଛନ୍ତି ଭାରତ-ଆମେରିକା ମିଳିତ ବିବୃତି ପରିପ୍ରେକ୍ଷୀରେ ଯାହା କେବଳ ଆନ୍ତର୍ଜାତିକ ସୀମାଗୁଡ଼ିକରେ ପ୍ରଯୋଜନା କରାଯାଉଥିବା ଆତଙ୍କବାଦକୁ ନିନ୍ଦା କରିଥିଲା, ସେଥି ପ୍ରତି ପାକିସ୍ତାନ ପ୍ରକାଶ କରିଥିବା ପ୍ରତିକ୍ରିୟାର ଜବାବ ଦେବାକୁ ଯାଇ ଏବଂ ଯଥାର୍ଥରେ ଏହା ଉପରେ ଗୁରୁତ୍ୱ ଆରୋପ କରି ସେ ପାକିସ୍ତାନକୁ ଅନୁରୋଧ କରିଛନ୍ତି ଆତଙ୍କବାଦକୁ ପ୍ରୋତ୍ସାହନ ଯୋଗାଇବା ବନ୍ଦ କରିବାକୁ। ନିକଟରେ ଏ ବାବଦରେ ପାକିସ୍ତାନ ଏକ ସରକାରୀ ବିବୃତି ଜାରି କରିଥିବାରୁ ସେ ଏ ବାବଦରେ ଚେତାବନୀ ଦେବା ସହିତ ଆମର ଏହି ପଡ଼ୋଶୀ ରାଜ୍ୟର ସରକାରଙ୍କୁ ପରାମର୍ଶ ଦେଇଛନ୍ତି ନିଜ ଦେଶର ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ । ଉପରୋକ୍ତ ପ୍ରସଙ୍ଗରେ ପାକିସ୍ତାନ ନିଜର ଅବସୋସ ବ୍ୟକ୍ତ କରିବା ଏକ ହାସ୍ୟାସ୍ପଦ ବିଷୟ । ତେଣୁ ଏହାକୁ ତିରସ୍କାର କରି ଶ୍ରୀଯୁକ୍ତ ସିଂହ ଯଥାର୍ଥରେ ଏହି ଦେଶ ଉଦ୍ଦେଶ୍ୟରେ କହିଛନ୍ତି ଯେ ଏହା ସୀମାପାର- ଆତଙ୍କବାଦ ପ୍ରସଙ୍ଗରୁ ଆନ୍ତର୍ଜାତିକ ସମୁଦାୟର ଧ୍ୟାନ ହଟାଇବାର ଉଦ୍ୟମ କରୁଛି ଏବଂ ସେଥିପାଇଁ କାଶ୍ମୀର ପ୍ରସଙ୍ଗକୁ ବ୍ୟବହାର କରୁଛି । କାଶ୍ମୀରକୁ ଆନ୍ତର୍ଜାତିକ ସମୁଦାୟଙ୍କ ଦୃଷ୍ଟିରୁ ଭାରତ ଦୂରେଇ ରଖିବାର କାର୍ଯ୍ୟକୁ ସେ ସଠିକ୍ ଏବଂ ଦୃଢ଼ ଭାବରେ ଉପସ୍ଥାପନ କରିଥିଲେ। ଶ୍ରୀଯୁକ୍ତ ସିଂହ ଯେତେବେଳେ କହିଲେ, ପାକିସ୍ତାନ-ଅଧିକୃତ କାଶ୍ମୀରର ନିର୍ଯାତିତ ଲୋକମାନେ ନିଶ୍ଚିତ ଭାବରେ ଭାରତରେ ରହିବାକୁ ଦାବି କରିବେ । ସେମାନେ (ଭାରତରେ ଯୋଗ ଦେବାକୁ) ଉଚ୍ଚ ସ୍ୱରରେ ନାରାମାନ ଦେଉଛନ୍ତି', ତାହା ବାସ୍ତବତାକୁ ଆଧାର କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ପାକ୍-ଅଧିକୃତ କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବା ସାମ୍ପ୍ରତିକ ସମୟର ଅଧିକାଂଶ ଭାରତୀୟ ଚାହାନ୍ତି ଏବଂ ଶ୍ରୀଯୁକ୍ତ ସିଂହ ତାଙ୍କ ବକ୍ତବ୍ୟରେ ଭାରତୀୟମାନଙ୍କର ଏହି ମାନସିକତାର କେବଳ ଯାହା ପ୍ରତିଫଳନ ଘଟାଇଛନ୍ତି। ସେ ମଧ୍ୟ ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କ ଉପରେ, ବିଶେଷକରି ଯେଉଁମାନେ ଶିଖ୍ ସମ୍ପ୍ରଦାୟର, ସେମାନଙ୍କ ଉପରେ ହେଉଥିବା ଅପ୍ରତ୍ୟାଶିତ ଆକ୍ରମଣ ଘଟଣାଗୁଡ଼ିକ ଭାରତରେ ଗଭୀର ଆତଙ୍କ ସୃଷ୍ଟି କରୁଥିବା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଶ୍ରୀଯୁକ୍ତ ମୋଦୀଙ୍କ ସରକାରୀ ଭାବରେ ଆମେରିକା ଗସ୍ତ ଅବସରରେ ଏକ ଟିଭି ଚ୍ୟାନେଲ ସମ୍ମୁଖରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଭାରତୀୟ ଗଣତନ୍ତ୍ର ଏବଂ ଧାର୍ମିକ ସଂଖ୍ୟାଲଘୁମାନଙ୍କ ଉପରେ ଦେଇଥିବା ଏକ ଦ୍ୱନ୍ଦ୍ୱାତ୍ମକ ଟିପ୍ପଣୀରେ ମାତ୍ର ଦିନକ ପରେ ତାଙ୍କର ମନ୍ତ୍ରୀମଣ୍ଡଳର ସହକର୍ମୀ, ଦେଶର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ମଧ୍ୟ ତ୍ରୁଟି ବାହାର କରିଥିଲେ ଯାହାକୁ ଶ୍ରୀଯୁକ୍ତ ସିଂହ ନିନ୍ଦା କରିବାକୁ ଯାଇ ଆମେରିକାର ଏହି ରାଷ୍ଟ୍ରପତିଙ୍କର ତରବରିଆ ବକ୍ତବ୍ୟ ପ୍ରତି ତାତ୍ସଲ୍ୟ କରିବା ସହିତ ତାଙ୍କ ଶାସନ କାଳରେ କିପରି ଆମେରିକା ସେନା ମୁସଲମାନ ରାଷ୍ଟ୍ରମାନଙ୍କ ଉପରେ ଆକ୍ରମଣ କରିଥିଲା, ତାହା ଉଲ୍ଲେଖ କରିଥିଲେ । ଏଥିରେ ଦ୍ୱିମତ ନାହିଁ ଯେ ଶ୍ରୀଯୁକ୍ତ ଓବାମା ନୋବେଲ ଶାନ୍ତି ପୁରସ୍କାର ଲାଭ କରିଛନ୍ତି । କିନ୍ତୁ ତାଙ୍କର ଶାସନ କାଳରେ ବେଶ୍ କେତେକ ସଂଖ୍ୟକ ମୁସଲମାନ ଦେଶଗୁଡ଼ିକ ଉପରେ ଆକ୍ରମଣ ହୋଇଥିବା ଯୋଗୁଁ ଏହାକୁ ଅନେକ ରାଷ୍ଟ୍ରର ସରକାର ଏବଂ ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମାଲୋଚିତ ହୋଇ ଆସିଛି । ଏ ଦୃଷ୍ଟିରୁ ତେଣୁ ଭାରତର ସାମ୍ପ୍ରତିକ ସରକାରଙ୍କର ମନ୍ତ୍ରୀ ଓ ନେତାମାନେ ତଥା ବିଜେପି ଦଳର ନେତାମାନେ ଉପରୋକ୍ତ ବିଷୟବସ୍ତୁ ଉପରେ କହିବା ନେଇ ସେମାନଙ୍କର ଥିବା ଅଧିକାର ଭିତରେ ରହିଛନ୍ତି।

ଏ ସମୟ ସେ ସମୟ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

> ସବୁର ଇତି ଅଛି, ଏମିତି କଂସ, ଜରାସନ୍ଧ, ଦୁର୍ଯ୍ୟୋଧନ ଟଳିଛନ୍ତି। ଏମାନେ ଯେଉଁଥିପାଇଁ ଶାସନରୁ ଅନ୍ତ ହୋଇଥିଲେ ଏହାକୁ ବର୍ତ୍ତମାନ କାଳର ପ୍ରଶାସନ ଅଧିକାରୀ ନଦେଖି ଠିକ ସେହିପରି ଆଚରଣର ଶାସନରେ ରହୁଛନ୍ତି। ରାଜତନ୍ତ୍ର ଯାଇ ଗଣତନ୍ତ୍ର ଆମର ଚାଲିଛି। ବହୁ କଷ୍ଟରେ ଜମିଦାରୀ, ରାଜ ରାଜୁଡ଼ା ଶାସନ ବଦଳା ଯାଇଥିଲା।

ପ୍ରଚଳିତ କଳି ଯୁଗ ଏ ସମୟ, ଏହା ପୂର୍ବରୁ ଦ୍ୱାପର ଯୁଗ ଭୋଗ ହୋଇ ଶେଷ ହୋଇଛି। ଏକ ଭିତ୍ତିଭୂମି ଉପରେ ଏକ ନିର୍ମାଣ ସଚରାଚର ହୁଏ। କଳିଯୁଗ ନିର୍ମାଣ ତେବେ ଦ୍ୱାପର ଯୁଗ ଉପରେ ହିଁ ହୋଇଛି। ସେ ଯୁଗରେ ମଦ୍ୟ ନିଶା, ଅହଂକାର, ମେରିରାୟ, ପରଶ୍ରୀକାତରା, ଉପକାରୀର ସମାଲୋଚନା ଆଦି ଯୁଗ ଶେଷ ବେଳକୁ ବଢ଼ିଯାଇ ଯୁଗ ଶେଷ କରାଉଥିଲା। ଏସବୁ ଶିକ୍ଷା କଳିଯୁଗର ମନୁଷ୍ୟ ଶିକ୍ଷା କରି ସଂସ୍କାରିତ ହେବା କଥା ମାତ୍ର ନ ହୋଇ ସେହିପରି ଛାପରେ ସମୟକୁ ଯିବାକୁ ଲୋକେ ଆଗଉଛନ୍ତି।

କଂସ ରାଜ ତାଙ୍କ ଅଷ୍ଟମଲ୍ଲର ବଳରେ ତାଙ୍କର ରାଜ୍ୟ ପ୍ରଶାସନରେ ମଜଗୁଲ ରହି ସତ୍ୟ କଣ ମାର୍ଗ କଣ ଭୁଲିଯାଇଥିଲେ। ରାଜ ସିଂହାସନ ଗାଦିରେ ବସି ମେରିରାୟ ଜାହିରି କରୁଥିଲେ। ତାଙ୍କର ଶ୍ୱଶୁର ଜରାସନ୍ଧ ସେ ଛୋଟ ଛୋଟ ଜମିଦାରଙ୍କୁ ସ୍ୱ ଅନ୍ୟାୟ କାନୁନରେ ବନ୍ଦୀ କରି ତାଙ୍କର ଜମିଜମା ସ୍ୱଜନ ଦ୍ୱାରା ଅକ୍ତିଆର କରି ରଖିଥିଲେ। ଏହାଙ୍କର ଶାସନର ତ୍ରୁଟି କେହି ସ୍ୱର ଉତ୍ତୋଳନ ନକଲେ ଏମାନଙ୍କୁ ବଳୁଆ କାନୁନ ଲଙ୍ଘନକାରୀ ଅନ୍ୟାୟରେ ରାଜ ଛିଦ୍ର ବନ୍ଦ ପାଇଁ ନାହିଁ ନଥିବା ଅକୁହା ପରିସ୍ଥିତିରେ ଦମନ କରୁଥିଲେ। ଦୁର୍ଯ୍ୟୋଧନ ରାଜା ନୁହଁନ୍ତି ଧୃତରାଷ୍ଟ୍ର ବି ରାଜା ନୁହଁନ୍ତି ଧୃତରାଷ୍ଟ୍ର ମୂଳ ରାଜାଙ୍କର ଅନୁପସ୍ଥିତି ଦିନ ଗୁଡ଼ିକର କାମଚଳା ରାଜା ହୋଇଥିଲେ ସେ ଦୃଷ୍ଟିଶକ୍ତି ବର୍ଜିତ ଅନ୍ଧ। ରାଜା କାନରେ ଶୁଣନ୍ତି ସ୍ୱଚରଙ୍କ କଥା ଦୂତଙ୍କ କଥା ଜନରବରୁ ଘଟଣାର ରୂପ ଦେଖି ଜାଣିଲେ ବି ଚକ୍ଷୁରେ ଅନେକ କଥା ସତ୍ୟ ଅସତ୍ୟ ଶରୀରର ଭାଷାରୁ ବୁଝିହୁଏ ଏ ଶକ୍ତି ଧୃତରାଷ୍ଟ୍ରଙ୍କ ନଥିଲା। ଚକ୍ଷୁର କାମ ତାଙ୍କର କର୍ଣ୍ଣ ଦ୍ୱାରା ସାଧିତ ହୋଉଥିଲା। ମନ୍ତ୍ରୀ ସଂଜୟ ମହାଭାରତ ଯୁଦ୍ଧର ଧାରା ବିବରଣୀ ତାଙ୍କୁ ଶୁଣାଉଥିଲେ। ଅନ୍ୟ ସମୟରେ ବି ଏପରି ଧାରା ତାଙ୍କର ଥିଲା। ତାଙ୍କର ଜ୍ୟେଷ୍ଠ ପୁତ୍ରକୁ ଯୁବରାଜ ଅଧିକାର ଦେଇ ତାଙ୍କୁ ପ୍ରବଳ ବିଶ୍ୱାସଯୋଗ୍ୟ ମନେକରି ଅନ୍ଧ ହୋଇ ଅନ୍ଧ ଭାବରେ ବିଶ୍ୱାସ କରି ଶାସନକ୍ଷମତାରେ ରହିଥିଲେ। ଯୁବରାଜ ଦୁର୍ଯ୍ୟୋଧନ ଜଣେ ମଲ୍ଲ ସେ ଶାରୀରିକ ବଳ ଓ ରାଜଶକ୍ତିର ଅଂଶୀଦାର ବଳରେ ସତ୍ୟକୁ ଅପଳାପ କରିବା ପାଇଁ ଦଳ ଗୋଷ୍ଠୀ ଗଢ଼ିଥିଲେ ତାଙ୍କ ପରିବାରରେ ଏକଶତ ଭାଇକୁ ଭିଣୋଇ ଓ ତାଙ୍କର ମାମୁଁ, ଦ୍ରୋଣାଚାର୍ଯ୍ୟଗୁରୁ, ଭୀଷ୍ମଦେବ ତାଙ୍କ କଥାରେ ସ୍ୱାହା ଲଗାଉଥିଲେ। ଏକ ଶତକଡ଼ା ହିସାବରେ ୧୦୦ଜଣ ସ୍ୱ କୁଟୁମ୍ବରେ ବଳ ଦେବା ଦ୍ୱାରା ସତ୍ୟ କାନୁନ ସଦା ଅପଳାପ ହେଉଥିଲା। ମାନବୀୟ ଅଧିକାର ଜନ୍ମଗତ ଆଧିକାର ଲୋକାଚାର ଅଧିକାର ସେ ଲଘଂନ କରୁଥିଲେ। କାନୁନର ଧରାରେ କେମିତି ଘଟଣାବଳୀକୁ ନେବେ ସେପରି ଢ଼ାଞ୍ଚା ନିତ୍ୟ ସେ ଖୋଜି ଚାଲିଥିଲେ। ଯେଉଁ ଚକ୍ଷୁସ୍ମାନ କକାପଣ୍ଡୁ ରାଜା ହୋଇ ଶାସନରୁ କିଛି ଦିନ ଛୁଟି ନେଇ ଜଙ୍ଗଲକୁ ପାରିଧି ବା ଭ୍ରମଣ ପାଇଁ ଯାଇଥିଲେ ତାଙ୍କୁ ଗୁପ୍ତଘାତକ ଦ୍ୱାରା ହତ୍ୟା କରାଯାଇ କାନୁନରେ ପ୍ରଚାର କରାଗଲା ସେ ଅଦୃଶ୍ୟ ତୀରରେ ଆଘାତରେ ପ୍ରାଣ ହରାଇଲେ। ବାସ ଯୁବରାଜ ଅଧିକାର ପାଣ୍ଡବ କୁମାରଙ୍କ ରହିଲା ନାହିଁ। ଅସ୍ଥାୟୀ ରାଜାଙ୍କର ପୁତ୍ର ହୋଇ ଦୁର୍ଯ୍ୟୋଧନ ରାଜଶକ୍ତିର ଅନୁମୋଦନରେ ଯୁବରାଜ। ଏବେ ଦେଖାଯାଏ ଦୁଇଟି ବିଶେଷ ଶକ୍ତିଶାଳୀ ବିଭାଗ ଏକ ସାଧାରଣ ପ୍ରଶାସନ ଓ ଦୁଇଟି ଘରୋଇ ବିଭାଗ ଏ ଦୁଇଟିର ଅଧିକାର ଦୁର୍ଯ୍ୟୋଧନ ଦୁଃଶାସନଙ୍କ ହାତରେ ରହିଲା। ଘରୋଇ ବିଭାଗରେ ଘଟଣାର ରୂପ ରେଖକୁ ସଦା କ୍ଷତି ପ୍ରାପ୍ତ ଲୋକର ଭୁଲ ବୋଲି ରାଜଘୋଷଣା କରାଯାଇ ରାଜଶକ୍ତିକୁ ସଦା ନିର୍ମଳ ଭାବମୂର୍ତ୍ତି ବୁଝାଯାଉଥିଲା। ଖେଳରେ ହାରଜିତ ଦୁଇ ଦଳରେ ଅଛି। ହାରିବା ଲୋକକୁ ଲୋକ ବୋଝିଆ କୁହନ୍ତି। ପାଣ୍ଡବଙ୍କୁ କପଟ ପଶା ଖେଳକୁ ଡାକି ଖେଳରେ ଛଳରେ ପରାସ୍ତ କରି ସ୍ୱ ପ୍ରଶାସନକୁ ବିରୋଧ ମୁକ୍ତ ପାଇଁ ୧୨/୧୩ ବର୍ଷ ଜଙ୍ଗଲ ଜେଲ ଦେଇଥିଲେ। ଏଥିରେ ପୁଣି ଥିଲା ଶେଷ ବର୍ଷ ଅଜ୍ଞାତବାସ। ଏଥିରେ ଧରାପଡ଼ିଲେ ପୁନଃ ନିର୍ବାସନ ଦଣ୍ଡ ରହିବ। କର୍ଣ୍ଣ ରାଜ ପରିଷଦରେ ସ୍ଥାନ ନପାଇ ଦୁର୍ଯ୍ୟୋଧନ ତାଙ୍କୁ ମହାନ ଲକ୍ଷ୍ୟଭେଦୀ ତୀରନ୍ଦାଜ ବୁଝି ପାଣ୍ଡବ ପକ୍ଷର ବଳ ଅର୍ଜୁନଙ୍କ ମୁକାବିଲା ପାଇଁ ରହିଥିଲେ। ଏଥିରେ ଜନମତ ବିରୁଦ୍ଧ ହେଲା ଦୁର୍ଯ୍ୟୋଧନଙ୍କୁ ଅଙ୍ଗରାଜ୍ୟର ରାଜା କରାଇ ତାଙ୍କୁ ଚିରନ୍ତନ ରାଜସଭା ମଣ୍ଡନରେ ରଖିଥିଲେ।

ସବୁର ଇତି ଅଛି, ଏମିତି କଂସ, ଜରାସନ୍ଧ, ଦୁର୍ଯ୍ୟୋଧନ ଟଳିଛନ୍ତି। ଏମାନେ ଯେଉଁଥିପାଇଁ ଶାସନରୁ ଅନ୍ତ ହୋଇଥିଲେ ଏହାକୁ ବର୍ତ୍ତମାନ କାଳର ପ୍ରଶାସନ ଅଧିକାରୀ ନଦେଖି ଠିକ ସେହିପରି ଆଚରଣର ଶାସନରେ ରହୁଛନ୍ତି। ରାଜତନ୍ତ୍ର ଯାଇ ଗଣତନ୍ତ୍ର ଆମର ଚାଲିଛି। ବହୁ କଷ୍ଟରେ ଜମିଦାରୀ, ରାଜ ରାଜୁଡ଼ା ଶାସନ ବଦଳା ଯାଇଥିଲା। ଏବେ ଶିଳ୍ପନାମରେ ଶିଳ୍ପପତି ବଡ଼ ବଡ଼ ସ୍ଥାନ ଜମି ଅଧିକାରୀ ବଡ଼ ବଡ଼ ମଲରେ ସବୁ ଦ୍ରବ୍ୟ ସହଜରେ ମିଳୁଛି। ବ୍ରିଟିଶମାନେ ବଣିକରୁ ରାଜା ହୋଇ ପ୍ରଶାସନକୁ ଆସିଥିଲେ। ଏବେ ଶିଳ୍ପପତିଙ୍କ ଚାନ୍ଦାରେ ରାଜନୈତିକ ଦଳମାନେ ଭୋଟରେ ଠିଆ ହେବା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଅର୍ଥ ଯୋଗାଉଛନ୍ତି। ରାଜନେତା ଶାସନକୁ ଆସିଲେ ସେହି ବଣିକ ଶିଳ୍ପପତିଙ୍କୁ ଅନେକ ସୁବିଧା ଯୋଗାଉଛନ୍ତି। ବିଦ୍ୟୁତ ଦେୟରେ ଛାଡ଼ ଋଣ ସବସିଡ଼ି, ଋଣ ଆଦାୟରେ ଖିଲାପ ଥିଲେ, ଏକାଥରେ କିଛି ଶୋଧ କରି ଋଣ ଛାଡ଼ କିଛି ମୂଳଧନ ବି ଛାଡ଼ କରୁଛନ୍ତି। ଦ୍ୱାରକା ରାଜ୍ୟ କଦଶ୍ୱରୀ ମଦ୍ୟ ଦ୍ୱାରା ବରବାଦ ହୋଇଥିଲା। ଏବେ ବିଲାତି ମଦ୍ୟର ବହୁଳ ବିକ୍ରୀ। ରାଜନେତାମାନେ ବିରୋଧିଙ୍କ ପ୍ରତି ନିର୍ମମ ବ୍ୟବହାର କରୁଛନ୍ତି। ଧନ ବଳରେ ସମ୍ମାନ ମିଳୁଛି ପାଠ ନପଢ଼ି ଗଣ୍ଡା ଗଣ୍ଡା ଡକ୍ଟରେଟ ଉପାଧି ଭୂଷିତ ସରକାରୀ ତହବିଲରୁ କେମିତି ବ୍ୟକ୍ତିଗତ ଆୟ ହେବ ଏ ଚିନ୍ତା ସମସ୍ତଙ୍କୁ ଘାରିଛି। ଏସବୁ ପ୍ରକୃତରେ ଇତି ଆଡ଼କୁ ଧାବିତ ଏହାକୁ ଚିହ୍ନିରଖି ପଥ ବାଛନ୍ତୁ ନଚେତ ଯୁଗ ଶେଷର ସମୟ ତ୍ୱରାନ୍ୱିତ ହୋଇଯିବ।

ବରେଣ୍ୟ ବାଣୀ' ପିସି
ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩

ଲିଙ୍ଗଗତ ବୈଷମ୍ୟ

ସୌଭାଗ୍ୟ ରଂଜନ ମହାନ୍ତି

ପୁରୁଷ ପ୍ରଧାନ ଭାରତରେ ଲିଙ୍ଗଗତ ବୈଷମ୍ୟ ନେଇ ଜାତିସଂଘ ପକ୍ଷରୁ ପ୍ରକାଶିତ ଲିଙ୍ଗଗତ ପ୍ରଭେଦ(ଜେଣ୍ଡର ଗ୍ୟାପ)-୨୦୨୩ ବାର୍ଷିକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ନିଶ୍ଚିତ ଭାବେ ଉତ୍ସାହଜନକ ଓ ସୁଖଦ। ୨୦୨୩ ବାର୍ଷିକ ରିପୋର୍ଟ ଅନୁଯାୟୀ ବିଶ୍ୱର ୧୪୬ଟି ରାଷ୍ଟ୍ରଙ୍କୁ ନେଇ ପ୍ରସ୍ତୁତ ତାଲିକାରେ ଭାରତ ୮ଟି ସ୍ଥାନ ଉଚ୍ଚକୁ ଉଠି ୧୨୭ତମ ସ୍ଥାନରେ ରହିଛି। କହିବା ବାହୁଲ୍ୟ ଯେ, ୨୦୨୨ ବାର୍ଷିକ ରିପୋର୍ଟରେ ଭାରତ ତାଲିକାର ୧୩୫ ସ୍ଥାନରେ ରହିଥିଲା। କହିବା ବାହୁଲ୍ୟ ଯେ, ପୁରୁଷ ପ୍ରଧାନ ଭାରତୀୟ ପରିବାରରେ କାହିଁ କେଉଁ ପୁରାତନ କାଳରୁ ମହିଳାଙ୍କ ତୁଳନାରେ ପୁରୁଷଙ୍କ ପ୍ରାଧାନ୍ୟ ରହିଛି। କେବଳ ପରିବାର ନୁହେଁ, ସାମାଜିକ, ସାଂସ୍କୃତିକ, ରାଜନୈତିକ ଆଦି ସମସ୍ତ କ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ ସ୍ପଷ୍ଟ ହୋଇପଡୁଛି। ତେବେ ଲିଙ୍ଗଗତ ପ୍ରଭେଦ ରିପୋର୍ଟରେ ଯେଉଁ ୮ଟି ସ୍ଥାନ ଉପରକୁ ଉଠିବା ନିଶ୍ଚିତ ଭାବେ ଦେଶରେ, ସମାଜରେ ପୁରୁଷ-ମହିଳାଙ୍କ ମଧ୍ୟରେ ଯୁଗ ଯୁଗ ଧରି ରହିଆସିଥିବା ଲିଙ୍ଗଗତ ବାଛବିଚାର, ତାରତମ୍ୟ ହ୍ରାସ ପାଇବା ସ୍ୱାଗତଯୋଗ୍ୟ ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଚାରୋଟି ପ୍ରସଙ୍ଗକୁ ନେଇ ଲିଙ୍ଗଗତ ପ୍ରଭେଦ ସମ୍ପର୍କରେ ସର୍ଭେ କରାଯାଇଥିଲା। ଅର୍ଥନୈତିକ କ୍ଷେତ୍ରରେ ଅଂଶଗ୍ରହଣ ଓ ସୁବିଧାସୁଯୋଗ, ଶିକ୍ଷାଗତ ସଫଳତା ଅର୍ଜନ, ସ୍ୱାସ୍ଥ୍ୟ ଓ ଜୀବନ ଏବଂ ରାଜନୈତିକ ସଶକ୍ତିକରଣ ଆଦିକୁ ସୂଚ୍ୟାଙ୍କ ଭାବେ ଗ୍ରହଣ କରାଯାଇଥିଲା। ତେବେ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ଭାରତରେ ମହିଳାଙ୍କ ଆର୍ଥୀକ ବିକାଶ, ଅଭିବୃଦ୍ଧି, ଶିକ୍ଷାଗତ ସଫଳତା କ୍ଷେତ୍ରରେ ଅପୂର୍ବ ସୁଯୋଗ ରହିଥିବା ରିପୋର୍ଟରେ କୁହାଯାଇଛି। ମହିଳାଙ୍କୁ ଶିକ୍ଷିତ କରାଇବା ଏବଂ ରାଜନୈତିକ ପ୍ରତିନିଧିତ୍ୱ କ୍ଷେତ୍ରରେ ଭାରତ ବେଶ ଅଗ୍ରଣୀ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନ ବଳରେ ସ୍ୱୟତ ଶାସନ ତଥା ତ୍ରୀସ୍ତରୀୟ ପଂଚାୟତ ସଂସ୍ଥା ମହିଳାଙ୍କ ପ୍ରତିନିଧିତ୍ୱ ୪୦ ପ୍ରତିଶତ ରହିଛି। ଓଡିଶା ସମେତ କେତେକ ରାଜ୍ୟରେ ପଂଚାୟତ ପୌର ଓ ସମବାୟ ସଂସ୍ଥାଗୁଡିକରେ ମହିଳାଙ୍କ ପ୍ରତିନିଧିତ୍ୱ ୫୦ ପ୍ରତିଶତ ରହିଛି। ଏପରିକି ସଂସ୍ଥାଗୁଡିକରେ ମୁଖ୍ୟ ପଦବୀରେ ୫୦ ପ୍ରତିଶତ ଆସନରେ ମହିଳାଙ୍କ ପ୍ରତିନିଧିତ୍ୱ ସଫଳତାର ସହ କାର୍ଯ୍ୟ କରୁଛି। ରିପୋର୍ଟ ପୁଣି କୁହାଯାଇଛି ଯେ, ପାର୍ଲିଆମେଂଟରେ ମହିଳାଙ୍କ ପ୍ରତିନିଧିତ୍ୱ କେବଳ ୧ ପ୍ରତିଶତ ରହିଛି। ଯାହାକି ୨୦୦୬ ପରଠାରୁ ଭାରତରେ ସର୍ବାଧିକ ବୋଲି କୁହାଯାଇଛି। ପାର୍ଲିଆମେଂଟ ଓ ବିଧାନସଭାରରେ ମହିଳାଙ୍କ ନିମନ୍ତେ ୩୩ପ୍ରତିଶତ ଆସନ ସଂରକ୍ଷଣ ପାଇଁ ୧୯୯୬ ମସିହାଠାରୁ ମହିଳା ସଂରକ୍ଷଣ ବିଲ୍ ପଡିରହିଛି। ଦୀର୍ଘ ତିନି ଦଶନ୍ଧି ଧରି ବିଲଟି ଅନୁମୋଦନ ଅପେକ୍ଷାରେ ପଡି ରହିଥିବାବେଳେ ଏଥିପ୍ରତି ପୁରୁଷ କେନ୍ଦ୍ରୀକ ଭାରତରେ କୌଣସି ସରକାର କିମ୍ବା ରାଜନୈତିକ ଦଳ ଆଗ୍ରହ୍ୟ ନଥିବା ମନେହୁଏ। ଉଲ୍ଲେଖ କରାଯାଇପାରେ ଯେ, ୧୯୬୩ ମସିହାରେ ସ୍ୱତନ୍ତ୍ର ନାଗାଲାଣ୍ଡ ରାଜ୍ୟ ଗଠିତ ହେବା ପରେ ପ୍ରଥମ ଥର ପାଇଁ ୨୦୨୩ ମସିହାରେ ମାତ୍ର ୨ଜଣ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। କେବଳ ନାଗାଲାଣ୍ଡ ନୁହେଁ, ହିମାଚଳର ୬୦ ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଜଣେ ମାତ୍ର ମହିଳା ସଦସ୍ୟ ଅଛନ୍ତି। ତେବେ ଆର୍ଥୀକ ଅଂଶଗ୍ରହଣ ଏବଂ ନିଯୁକ୍ତି କ୍ଷେତ୍ରରେ ମହିଳାଙ

ମିନା ଅପାଙ୍କ ରାମାୟଣ ଟୁଙ୍ଗି (୯୩)

ଶ୍ରୀରାମଙ୍କ ପରାଜୟ

କାର୍ତ୍ତିକ ସାଇଁ

(ପୂର୍ବପ୍ରକାଶିତ ଉଦ୍ଧାରୁ)

ପ୍ରବଳ ପରାକ୍ରମୀ ରାବଣକୁ ଯୁଦ୍ଧରେ ପରାଜିତ କରିଥିବା ମହାନ ଯୋଦ୍ଧା ଶ୍ରୀରାମ ଯେ କେବେ ପରାଜୟର ସାମ୍ନା କରିବେ, ଏ କଥା ବିଶ୍ୱାସ କରି ହୁଏନି । ମାତ୍ର ସେ ପରାଜିତ ହୋଇଥିଲେ । ଏବେ ଆମେ ସେ କଥା ଜାଣିବା । ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

ଶ୍ରୀରାମଙ୍କ ସୈନ୍ୟ ଲବକୁଶ କିଏ ବୋଲି ଜାଣିନଥିଲେ । ମାତ୍ର ଜଙ୍ଗଲ ଭିତରେ ଏତେ ସୁନ୍ଦର ବାଳକଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ସେମାନେ ଲବକୁଶଙ୍କୁ ଅଶ୍ୱକୁ ଛାଡ଼ି ଦେବାକୁ କହିଥିଲେ । ମାତ୍ର ଲବକୁଶ ଅଶ୍ୱକୁ ଛାଡ଼ିନଥିଲେ ।

ସୈନ୍ୟମାନେ ଯାଇ ଏ କଥା ଅଶ୍ୱ ସାଙ୍ଗରେ ଆସିଥିବା ବୀର ଶତ୍ରୁଘ୍ନଙ୍କୁ କହିଲେ । ଶତ୍ରୁଘ୍ନ ଆଶ୍ଚର୍ଯ୍ୟ ଚକିତ ହେଲେ ଓ ସୈନ୍ୟସାମନ୍ତଙ୍କ ସହିତ ଯଜ୍ଞ ଅଶ୍ୱ ବଂଧା ହୋଇଥିବା ଯାଗାକୁ ଆସିଲେ । ସେଠାରେ ସେ ଲବ ଓ କୁଶଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲେ । ସେମାନେ ଠିକ୍ ଭାତ୍ରା ଶ୍ରୀରାମ ପିଲାଦିନେ ଯେପରି ଦେଖାଯାଉଥିଲେ, ସେପରି ଦେଖାଯାଉଥିଲେ ।

ଶତ୍ରୁଘ୍ନ ପ୍ରଥମେ ଯାଇ ଲବ ଓ କୁଶଙ୍କୁ ବୁଝାଇବାକୁ ଚେଷ୍ଟା କଲେ । ମାତ୍ର ଲବକୁଶ ସେମାନେ ବାନ୍ଧିଥିବା ଅଶ୍ୱକୁ ଫେରାଇ ଦେବାକୁ ସିଧା ମନା କରି ଦେଲେ । ଶତ୍ରୁଘ୍ନ ଯେତେ ଚେଷ୍ଟା କଲେ ବି ଲବକୁଶ ମାନିବାକୁ ରାଜି ନଥିଲେ । ଯୁଦ୍ଧ ଅବଶ୍ୟମ୍ଭାବୀ ଥିଲେ ।

ଶତ୍ରୁଘ୍ନଙ୍କ ସେନା ଲବକୁଶଙ୍କୁ ଆକ୍ରମଣ କରିଥିଲେ । ମାତ୍ର ଲବକୁଶ ତାଙ୍କ ଉନ୍ନତ ଯୁଦ୍ଧ କୌଶଳରେ ସମ୍ପୂର୍ଣ୍ଣ ସେନାବାହିନୀକୁ ପରାଜିତ କରିଦେଲେ । ଶତ୍ରୁଘ୍ନ ବାଧ୍ୟ ହୋଇ ଦୁଇ ବାଳକଙ୍କ ସହିତ ଯୁଦ୍ଧ କଲେ ଓ ଅତି ଅଳ୍ପ ସମୟରେ ପରାଜିତ ହୋଇ ସେଠାରେ ମୂର୍ଚ୍ଛିତ ହୋଇପଡ଼ିଥିଲେ ।

ଏ ଖବର ଲକ୍ଷ୍ମଣ ଓ ଭରତଙ୍କ ପାଖରେ ପହଂଚିଗଲା । ସେତେବେଳେ ସେମାନେ ଶ୍ରୀରାମଙ୍କ ସହିତ ନୈମିଷବନରେ ଅବସ୍ଥାନ କରୁଥିଲେ । ଲକ୍ଷ୍ମଣ ଓ ଭରତ ତୁରନ୍ତ ଯୁଦ୍ଧ ସ୍ଥଳରେ ପହଂଚିଗଲେ ଓ ସେଠାରେ ଶତ୍ରୁଘ୍ନ ଓ ସୈନ୍ୟମାନଙ୍କୁ ମୂର୍ଚ୍ଛିତ ଅବସ୍ଥାରେ ଦେଖିଲେ । ଲବ କୁଶଙ୍କୁ ଦେଖି ସେମାନଙ୍କର ଦୟା ହେଲା ଓ ସେମାନଙ୍କୁ ଯୁଦ୍ଧରୁ କ୍ଷାନ୍ତ ରହିବାକୁ କହିଲେ । ମାତ୍ର ଲବକୁଶ ଯଜ୍ଞ ଅଶ୍ୱକୁ ସହଜରେ ଛାଡ଼ିବାର ପିଲା ନଥିଲେ ।

ଲକ୍ଷ୍ମଣ ଓ ଭରତ ଶେଷକୁ ବାଧ୍ୟ ହେଲେ ଲବ-କୁଶଙ୍କ ସହିତ ଯୁଦ୍ଧ କରିବାକୁ । ଯୁଦ୍ଧ ବଡ଼ ଭୟଙ୍କର ହେଲା । ରାବଣର ଶକ୍ତିଶାଳୀ ପୁତ୍ର ଇନ୍ଦ୍ରଜିତକୁ ବଧ କରିଥିବା ଲକ୍ଷ୍ମଣ ଓ ଧନୁର୍ଦ୍ଧର ଭରତ ଲବକୁଶଙ୍କ ଶରଚାଳନା ଦେଖି ଆଶ୍ଚର୍ଯ୍ୟ ହେଲେ ଓ ଶେଷକୁ ପରାଜିତ ହୋଇ ମୂର୍ଚ୍ଛା ଗଲେ ।

ଏ ଖବର ଶ୍ରୀରାମଙ୍କ ପାଖରେ ପହଂଚିଗଲା । ଖବର ପାଇ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ଛଅ ପୁତ୍ର ସମର କ୍ଷେତ୍ରକୁ ଆସିଲେ ଓ ଲବକୁଶଙ୍କ ଦ୍ୱାରା ପରାଜିତ ହୋଇ ମୂର୍ଚ୍ଛା ଗଲେ ।

ପ୍ରଭୁ ଶ୍ରୀରାମ ଆଶ୍ଚର୍ଯ୍ୟ ଚକିତ ହେଲେ ଓ ମନେ ମନେ ସେ ନ ଦେଖିଥିବା ବାଳକ ଦୁହିଁଙ୍କର ପ୍ରଶଂସା କଲେ । କାଳ ବିଳମ୍ବ ନକରି ସେ ଯୁଦ୍ଧ କ୍ଷେତ୍ରକୁ ଆଗମନ କଲେ ।

ଲବ ଓ କୁଶଙ୍କୁ ଦେଖି ସେ ପ୍ରଥମେ ଭାବବିହ୍ୱଳ ହୋଇ ଉଠିଲେ । ମନେ ମନେ ଭାବିଲେ, ସୀତା ଜନ୍ମ ଦେଇଥିବା ପିଲା ବା ପିଲାମାନେ ଏଇ ବୟସର ହୋଇଥିବେ । ସେ ଲବ କୁଶଙ୍କୁ ବୁଝାଇଲେ ଓ ନିଜର ପରିଚୟ ଦେଲେ । ଲବ କୁଶ ତାଙ୍କୁ ଚିହ୍ନିବେ କିପରି ? ସେମାନେ ତ ଜନ୍ମରୁ ମୁନି ଆଶ୍ରମରେ ବଢ଼ିଛନ୍ତି ଓ ବାଲ୍ମିକୀ ମୁନିଙ୍କଠାରୁ ସବୁ ଶିକ୍ଷା କରିଛନ୍ତି ।

ଶ୍ରୀରାମ ବାଧ୍ୟ ହେଲେ ଲବକୁଶଙ୍କ ସହିତ ଯୁଦ୍ଧ କରିବାକୁ । ବଳଶାଳୀ ରାବଣଙ୍କୁ ଯୁଦ୍ଧରେ ହରାଇଥିବା ଶ୍ରୀରାମ ତାଙ୍କ ନିଜ ପୁତ୍ର ଦ୍ୱୟଙ୍କୁ ରାବଣଙ୍କୁ ଯୁଦ୍ଧରେ ହରାଇଥିବା ଶ୍ରୀରାମ ତାଙ୍କ ନିଜ ପୁତ୍ର ଦ୍ୱୟଙ୍କ ଦ୍ୱାରା ପରାଜିତ ହେଲେ ଓ ଭୂମିରେ ମୂର୍ଚ୍ଛା ହୋଇ ପଡ଼ିରହିଲେ । ଲବକୁଶଙ୍କ ଖୁସି କହିଲେ ନସରେ । ସେମାନେ କଣ ଜାଣିଥିଲେ ସେମାନେ ଯୁଦ୍ଧରେ ନିଜର ପିତା, ଚାଚା ଓ ଭାଇମାନଙ୍କୁ ହରାଇଛନ୍ତି ।

ଯୁଦ୍ଧରେ ବିଜୟୀ ହୋଇ ସେମାନେ ମହା ଆନନ୍ଦରେ ହନୁମାନ ଓ ଜାମ୍ବବଙ୍କୁ ଏକ ଦଉଡ଼ିରେ ବାନ୍ଧି ସାଂଗରେ ନେଲେ ଓ ଆଶ୍ରମରେ ପହଂଚିଗଲେ । କୁଶଙ୍କୁ ବହୁତ ଭୋକ ଲାଗୁଥିଲା ଓ ସେ ଲବକୁ ଭିତରକୁ ଯାଇ ମା'ଙ୍କଠାରୁ କିଛି ଖାଦ୍ୟ ଆଣିବାକୁ କହିଲେ । ସେ ହନୁମାନ ଓ ଜାମ୍ବବଙ୍କୁ ଗୋଟେ ଗଛରେ ବାନ୍ଧିଦେଇ ତାଙ୍କୁ ଜଗି ରହିଲେ ।

ରାମାୟଣ କଥା ବିଚିତ୍ର । ବୀର ହନୁମାନଙ୍କୁ ବାନ୍ଧିବାକୁ କାହାର ଶକ୍ତି ଅଛି ? ଶ୍ରୀରାମଙ୍କ ପୁତ୍ର ଲବକୁଶଙ୍କର ଥିଲା ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

ଅଦିତିର ଚିତ୍ରାଙ୍କନ

ନଗେନ୍ଦ୍ର ନାଥ ପଟ୍ଟନାୟକ

ସ୍କୁଲରୁ ଘର ପହଁଚିବାମାତ୍ରେ ଅଦିତି ବସ୍ତାନିକୁ ଘରର ଗୋଟେ କୋଣକୁ ଫିଙ୍ଗିଦେଲା । ପବନ ବେଗରେ ରୋଷେଇ ଘରକୁ ପଶିଗଲା । ମାଆକୁ କହିଲା -ମାମା, ଏ ପରିବେଶ କେଉଁଠୁ ମିଳିବ ? କଣ କରିବୁ ପରିବେଶକୁ ନେଇ ? ଚାଲ କଣ ଗଣ୍ଡେ ଖାଇଦେବୁ । ଅଦିତିକୁ ମନେହେଲା ମାମା ପାଖେ ପରିବେଶ କୁଆଡେ ଅଛି ଅଥଚ ପଚାରୁଚି କଣ କରିବୁ ପରିବେଶକୁ ନେଇ । ଆଦିତି ମାମା ଆଡକୁ ବଳବଳ ଆଖିରେ ଚାହିଁକହିଲା -ତୁମ ପାଖେ ତ ଅଛି, ଦେଇ ଦେଉନା । ମାମାର ପୁଣି ସେଇ ଏକାପ୍ରଶ୍ନ- କଣ କରିବୁ ? ମାମା ଅତିତି ପ୍ରଶ୍ନର ସଠିକ ଉତର ଦେଲେନାହିଁ । ଏତିକି ଖାଲି କହିଲେ -ଆଗ ଖାଇବା ଗଣ୍ଡେ ଖାଇନେ । ଖିଆପିଆ ସରିଲେ ବତେଇ ଦେବି । ସେତେବେଳକୁ ସାରାଂଶ ଭାଇବି ଆସିଯାଇଥିବ ।

କୁନମାସ ପାଂଚ ତାରିଖ ,ପର୍ଯ୍ୟାବରଣ ଦିବସ । କିଁ ଖରାଛୁଟି ଯୋଗୁ ସ୍କୁଲ ବନ୍ଦ । ତେଣୁ ଖରାଛୁଟିର ଗୋଟିଏ ଦିନ ପୂର୍ବରୁ ଶ୍ରେଣୀବିଜ୍ଞାନ ଗୁରୁଜୀ କହିଲେ - କାଲିପର୍ଯ୍ୟାବରଣ ଦିବସ ଅବସରରେ ସବୁ ପିଲା ପୋଷ୍ଟର ବନେଇ ନେଇ ଆସିବ ।

ଅଦିତିଘରେ ପହଁଚି ପିନ୍ଧାପୋଷାକ ବଦଳେଇଲା ବେଳକୁ ବଡଭାଇ ସାରାଂଶବି ଆସି ଯାଇଥିଲା । ଫେର ଅଦିତି କହିଲା -ମାମା, ମତେ ପର୍ଯ୍ୟାବରଣ ଦେଖିକି ଛବି ବନେଇବାକୁ ପଡିବ . . . .। ଏବେ ଅଦିତି ତୃତୀୟ ଶ୍ରେଣୀରେ ଛାତ୍ରୀ । କୌତୂହଳୀ ହୋଇ ନାନାଦି ଅଜଣା କଥା ଜାଣିବାରେ ତାର ଭାରିସଉକ । କେବେକେବେ ଲାଗେଗୋଟେ ଦିନରେ ସେ ଯେମିତି ସବୁକିଛି ଜାଣିନେବ ।

ସ୍କୁଲରେ ଗୁରୁଜୀ ଯେତେବେଳେ କହିଲେ କାଲି ସବୁପିଲା ନିଜ ନିଜ ଡ୍ରଇଁ ଖାତାରେ ପରିବେଶ ଚିତ୍ର ଆଙ୍କିକରି ଆଣିବ ପରିବେଶ କଣ ବୋଲି ଅଦିତି ମୁଣ୍ଡରେ କିଛି ଢୁକିଲା ନାଇଁ । ଘରେ ପାଦ ଥାପୁ ଥାପୁ ମାମାକୁ ସିଧା ପଚାରିଲା -ମାମା, ତମ ପାଖେ ପର୍ଯ୍ୟାବରଣ ଚିଜ୍‌ଟି ଅଛିକି । ମତେ ପର୍ଯ୍ୟାବରଣ ସୁରକ୍ଷା ବିଷୟରେ ଛବି ଆଙ୍କି ସ୍କୁଲ ନେଇ ଯିବାକୁ ହେବ । ଏ ସନ କୁନମାସ ପାଂଚ ତାରିଖରେ ପଡୁଚି ପର୍ଯ୍ୟାବରଣ ଦିବସ . . . .। ମୁଁ ତ ପର୍ଯ୍ୟାବରଣ କେବେ ଦେଖିନାଇଁ ,ଛବି କେମିତି ଆଙ୍କିବି ? ଗତଥର ଗାନ୍ଧିଙ୍କ ଛବି ଆଙ୍କିବାକୁ ପଡିଲା ବୋଲି ଯେନତେନ ପ୍ରକାରେ ଆଙ୍କି ଦେଇଥିଲି । ଆଦିତି ସାରାଂଶକୁ ପଚାରିଲା -ଭାଇ, ତୁ ପର୍ଯ୍ୟାବରଣ ଦେଖିଚୁ । ହାଁ- ଦେଖିଛି . . . ସବୁବେଳେ ତ ଦେଖୁଚି . . . . । ତା'ହେଲେ ମତେବି ଦେଖାଉନୁ କାଇଁକି ? ପର୍ଯ୍ୟାବରଣ ଚିତ୍ର ମତେ ଆଙ୍କିବାକୁ ପଡିବ । ସାରାଂଶ ଅଦିତିକୁ ଟିକେ ବୁଲେଇ ଆଣିବାକୁ କହିଲା । ସାରାଂଶ କହିଲା - ମାମା ତ ଆଲମାରିରେ ରଖିଛଁ, ଏବେ ଦେଖାଇବେ । ଏଥର ଅଦିତି ବୁଝିଗଲା ଭାଇ ତାକୁ ବୋକା ବନାଉଛି । ଠିକ୍ ସେତିକିବେଳେ ମାମା ଆସି ତାଙ୍କ ଆଗରେ ହାଜର । ହଁ ଅଦିତି- ଏବେ ବୁଝାଉଚି, ତୁ ପର୍ଯ୍ୟାବରଣ କାଇଁକି ଦେଖିବୁ ? ସେଠୁ ଅଦିତି କହିଲା- ଦିନେ ଗୁରୁଜୀ ପର୍ଯ୍ୟାବରଣ ବିଷୟରେ କିଛି ଅଜଣା କଥା ଶୁଣାଉଥିଲେ , ହେଲେ ସେଦିନ ମୁଁ ଇସକୁଲକୁ ଯାଇ ନଥିଲି । ଆଜିବି ଗୁରୁଜୀ କହିଲେ କାଲି ପର୍ଯ୍ୟାବରଣ ଉପରେ ଖୁବ୍ ସୁନ୍ଦର ଚିତ୍ର ଆଙ୍କିକରି ଆଣିବ । ଦେଖ ଝିଅ, ପ୍ରଥମେ ଏକଥା ଜାଣିନେ ଯେ ପର୍ଯ୍ୟାବରଣ କାହାକୁ କହିଁ । ପର୍ଯ୍ୟାବରଣ ଦୁଇଟି ଶବ୍ଦରେ ଗଠିତ । ପରି ଆଉ ଅପରଟି ଆବରଣ । ପରିର ଅର୍ଥ ଆମଚାରିପଟ । ଆବରଣମାନେ ଆମ ଚତୁଃପାର୍ଶ୍ୱରେ ଯାହା ଘେରିରହିଛି । ଟିକେ ରହିଯାଇ ମାମା ବୁଝାଇଲେ -ଘର, ବାୟୁ, ଜଳ, ଜଙ୍ଗଲ , ଜମି ନଦୀ , ପାହାଡ ପଶୁ-ପକ୍ଷୀ ଇତ୍ୟାଦି ମଝିରେ ଆମେସବୁ ରହିଛେ ତାକୁ ହିଁ ପର୍ଯ୍ୟାବରଣ କହଁ । ସେତିକିବେଳେ ବଡଭାଇ ସାରାଂଶ ହାତଟେକି କହିଲା -ମାମା, ମୁକହିବି । ହଁ- ହଁ କହ । ସାରାଂଶ ଆରମ୍ଭ କଲା -ଆଦିତି, ଏ ପଶୁ - ପକ୍ଷୀ, କୀଟପତଙ୍ଗ ,ଗଛଲତା, ଜଳବାୟୁ ସବୁ ସଜୀବ ଆଉ ନିର୍ଜୀବ ଆମର ପର୍ଯ୍ୟାବରଣ ଅ'ର୍ଭୁକ୍ତ । ସେସବୁ ଭିତରେ କିଛି ଭଲ ଆଉକିଛି ମନ୍ଦ ରହିଛି । ଯାହାକିଛି ଆମପାଇଁ ଭଲ ଆମେ ତାକୁ ସୁରକ୍ଷିତ ରଖିବା । ତାହେଲେ ଯାଇ ଆମେଏ ପୃଥିବୀରେ ବଂଚିରହିବା । ଠିକ୍ ସେ ସମୟରେ ଜେଜେ ଦି ହାତରେ ତାଳିମାରି ସେମାନଙ୍କ ପାଖକୁ ଆସିଲେ । ଅନତି ଦୂରରେ ଥାଇ ସେ ସମସ୍ତଙ୍କ କଥା କାନପାତି ଶୁଣୁଥିଲେ । ପାଖକୁ ଛୁଟିଆସି କହିଲେ - ଆଛା, ଆଦିତି ତୁ ପର୍ଯ୍ୟାବରଣକୁ ଦେଖୁଲି ନା । ହଁଜେଜେ,ଦେଖିଲି । ଏବେ ଯାଆ , ଖୁବ୍‌ସୁନ୍ଦର ଚିତ୍ରଟିଏ ଆଙ୍କି ଆଣିବୁ, ଯାହା ଆମକୁ ବାର୍ତା ଦେବ ପର୍ଯ୍ୟାବରଣ ସୁରକ୍ଷା କରିବା ଆମ ସମସ୍ତଙ୍କ କର୍ତବ୍ୟ ବୋଲି । ଆଉ ପୋଷ୍ଟର ତଳେ ନିଜ ନାଆଁଟି ଲେଖିବାକୁ ଭୁଲିବୁ ନାଇଁ । ଏତିକିବେଳେ ସମସ୍ତେ ଠୋଠୋ ତାଳି ବଜାଇବାକୁ ଲାଗିଲେ । ସାରାଂଶ କହିଲା-ମାମା, ଆଲମାରିରୁ ପର୍ଯ୍ୟାବରଣ ବାହାରକରି ଆଦିତିକୁ ଦେଇଦେ . . . . ଏକଥା ଶୁଣିବାକ୍ଷଣି ସମସ୍ତେ ହୋହୋ ହୋଇହ ସିଉଠିଲେ ।

+ଓସ୍କାର ସିଟି, ପ୍ଲଟ ନଂ-
୪୫୪,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ
ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ପତ୍ର ଆମ ମିତ୍ର

ବିଜୟଲକ୍ଷ୍ମୀ ପାଣିଗ୍ରାହି

ଖାଇବାକି ପିଲେ ଖାଇବାକି
ତୁଳସୀ ପତ୍ରକୁ ଖାଇବାକି
କଫ ଆଉ ପିତ ଦୂରେ ଚାଲିଯିବ
ଡରିବାନି କେବେ ସର୍ଦ୍ଦିକି ।
ନିମ୍ବ ପରା ଆମ ମହୌଷଧି
ଖାଇ ଖୁଆଇଲେ ଜାଣି ବିଧି
ଚରମ ରୋଗକୁ ନାଶ କରେ ବୋଲି
ହେବା ଆମେ ଜଣେ ଆରୋଗ୍ୟନିଧି ।
ସକାଳୁ ଖାଇଲେ ବେଲ ପତ୍ର
ଲୋଡାନାହିଁ ଆଉ କିଛି ସୂତ୍ର
ଗ୍ୟାଷ୍ଟିକ ଅବା ପେଟବଥା ଦୂର
ହୋଇବା ଭାରି ସହଜ ମାତ୍ର ।
ଦୁବଘାସ ହେଲେ ହେଲା କ'ଣ
ରହିଛି ତା'ଠାରେ ବହୁ ଗୁଣ
ଅପସ୍ମାର ହେଉ ଅବା ନାକୁ ରକ୍ତ
ଶ୍ୱାସ ରୋଗୁଁ ମିଳେ ଉପଶମ ।
ଗଙ୍ଗଶିଉଳିର ପତ୍ର ଆଣି
ତା' ରସ ସେବନ କଲେ ପୁଣି
ମ୍ୟାଲେରିଆ, ମଧୁମେହ, ପାଇଲସ
ଡେଙ୍ଗୁ ଆଦି ଦୂର ହେବ ପୁଣି ।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ -୮୨୪୯୪୫୦୦୫୦

କବିତା

ତୁମ ପାଇଁ

ମହତ ଦାନ

ନୀଳମଣି ଚାନ୍ଦ

ଥାଳଟି ଦେଖେଇ ଘର ଦୁଆରରେ
ଭିକାରିଟି ଭିକ ମାଗେ
ଚାଉଳ ଗଣ୍ଡିଏ ଅଜାଡ଼ି କେ ଭାବେ
ପୂଣ୍ୟ ହେବା ପରି ଲାଗେ ।
ଗିରିଷମ କାଳେ ଜଳଛତ୍ର ଖୋଲି
ଜଳ ଦେବା ପୂଣ୍ୟ କାମ
ଅନାଥାଶ୍ରମରେ ଖାଦ୍ୟ ବସ୍ତ୍ର ଦେଇ
କିଏରେ ଅରଜେ ନାମ ।
ଗରିବକୁ ଦେଲେ ଟଙ୍କାପଇସାଟି
ସାହାଯ୍ୟ ହ୍ୱଲି ଏ ଜଣା
ହେଲେ ଇଏ ସବୁ ନୁହଁଇ କେବେରେ
ମହତ ଦାନରେ ଗଣା ।
ସେଦିନ ଶିବିର ପାଖେ ବୁଲୁବୁଲୁ
ବାପାଙ୍କ ସାଥୀରେ ରବୁ
ପଚାରି ଜାଣିଲା ଦେଉଛନ୍ତି ରକ୍ତ
ନିଜର ଇଚ୍ଛାରେ ସବୁ ।
ଜଣଙ୍କର ରକ୍ତ ବଞ୍ଚେଇପାରେରେ
ଅମୂଲ୍ୟ ଜୀବନ କା'ର
ରକ୍ତଦାନ ସବୁଠୁ ମହତ ଦାନ
ନାହିଁରେ ତୁଳନା ତା'ର ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ଟୁଉକୁ ମୂଷୀ ଲୋ ଟୁଉକୁ ମୂଷୀ.....

ରାମଚନ୍ଦ୍ର ବେହେରା

ଟୁଉକୁ ମୂଷୀ ଲୋ ଟୁଉକୁ ମୂଷୀ
ତୋତେ ଦେଖି କୁନି ହୁଅଇ ଖୁସି
ଆ' ଟିକେ ତା'ର ପାଖକୁ
ତୋତେ ସେ ଦେଖିଲେ ଅତି ଖୁସି ହୋଇ
ଡାକିଦେବ ପଣିକିଆକୁ ।
ସକାଳ ହୋଇଲେ ଉଠେ ବିଳମ୍ବରେ
ସ୍କୁଲ ଯାଏ ସେ ନିଇତି ଡେରିରେ
ଶିକ୍ଷକ ଦିଅନ୍ତି ଗାଳି
ଆଉ କେବେ ଡେରି କରିବନି କହି
କୋହ ତା' ପଡେ ଉଛୁଳି ।
ଛୁଟିଦିନ ହେଲେ ଖେଳନାକୁ ଧରି
ଖେଳେ ଦିନରାତି ପାଠ ପଢା ଭୁଲି
ବାପା ତୋଡ କଲେ ଯଦି
ଖେଳନାକୁ ଛାଡି ବସ୍ତାନିକୁ ଖୋଲି
ପାଠ ପଢେ କାନ୍ଦି କାନ୍ଦି ।
ମନ ଭଲ ଥିଲେ ଖାଏ ସେ ଖୁସିରେ
ମେଗି ଚାଉମିନ୍ ଖାଏ ଆଦରରେ
ଭାତ ତିଅଣକୁ ଦେଖି
ମୁହଁକୁ ଫୁଲେଇ ଦୂରେଇ ସେ ଯାଏ
ମାଆ ହୋଇଥାନ୍ତି ଦୁଃଖୀ ।
ଟୁଉକୁ ମୂଷୀଲୋ ଟୁଉକୁ ମୂଷୀ
କୁନିକୁ ଦେଖି ତୁ ଯାଆନା ରୂଷି
ତୁ ପରା ତାହାର ସାଥୀ
ତୋ ଖୁସି ଦେଖିଲେ ସେ ଖୁସି ହୁଅଇ
ହସି କାଟେ ଦିନ ରାତି ।
ଆ' ଟିକେ ତାକୁ କହିଦେ ସଅଳେ
ନକରୁ ସେ ଅଳି ଖାଇବାର ବେଳେ
ମନ ଦେଇ ପଢୁ ପାଠ
ଧ୍ୟାନରେ ପଢିଲେ ବିଦ୍ୟା ହେବ ଶେଷ
ହୋଇବ ସେ ଭଲ ଚାଟ ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ଆସିଲାରେ ବରଷା ରାଣୀ

ଦୀପକ କୁମାର ମିଶ୍ର

ରିମ୍ ଝିମ୍ କରେ ବରଷା ରାଣୀ
ବେଙ୍ଗୁଲି କେଁ କଟର
ରହି ରହି କା ଆକାଶେ ମେଘ
ଶୁଭେ ଯେ ଘରଘର ।
ବିଜୁଳି ଚମକେ ଚାଏଁ ଚାଏଁ
ପବନ ସୁଁ ସୁଁ
ଗଛ ଡାଳରେ ଘର ଚଟିଆଟି
କରୁଛି ଚୁଁ ଚୁଁ ।
ପିମ୍ପଡ଼ି ଭାଇ ଦିଶଇ ନାହିଁ
ଝଡ଼ି ବରଷା ବେଳେ
ଚାଲାକି ଭାରି ସଞ୍ଚି ଆହାର
ଗାତରେ ରହି ଖେଳେ ।
ମଉଳିଯାଏ ନାଲି କୃଷ୍ଣଚୂଡ଼ା
ପାଣି ଠୋପାରେ ବୁଡ଼ି
ସାରୁ ପତର ଶୁଖିଲା ଦିଶେ
ପାଣିକୁ ଦେଇ ଝାଡ଼ି ।
କେତେ ଘଟଣା ଭାଇଭଉଣୀ
କହିବି ଆଉ କୁହ
ବରଷା କାଳ ଛତାଟେ ଧରି
ସ୍କୁଲକୁ ଶୀଘ୍ର ଯାଅ ।

+ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦

ଆ' ତୁ ଭିଜେଇ ଯା'

ଶରତ କୁମାର ଦାସ

ଗୀରିଷମ ଗଲା ବରଷା ଆସିଲା
ତୁରୀ, ଭେରୀ,ଶଙ୍ଖ ବଜା,
ବାଜାବାଣ ସାଥେ ଦାଣ୍ଡ ଦୁଲୁକେଇ
ଆସିଲାଣି ମେଘରଜା ।
କାଳିଆ ହେଲାଣି ନେଳିଆ ସରଗ
ବଉଦ ଗଲାଣି ଢାଙ୍କି,
ସାତରଙ୍ଗ ଧରି ସରାଗେ କିଏ ସେ
ଝୋଟିଟି ଦେଲାଣି ଆଙ୍କି ।
ଆକାଶ ରାଇଜେ ଚାଲିଲାଣି ଖେଳ
ଅଧା ଛାଇ ଅଧା ଖରା,
କଳାମେଘୀ ପାଟ ପିନ୍ଧିଛି ବରଷା
ସତେ କି ତ ସୁନାଝରା ।
ପତର ଗହଳେ କିଚିରିମିଚିରି
ଶୁଭୁଛି ଶବଦ କେତେ,
ନାଚିଲେଣି ଦେଖ ସୁଖ ଶରଧାରେ
ପଶୁପକ୍ଷୀ ବନେ ଯେତେ ।
ସବୁଜ ଦିଶୁଛି ଧୂସର ଧରଣୀ
ଗଭାରେ ଗଜରା ଖୋସି,
ନାନା ଫୁଲଫଳେ ସଜେଇ ହେଲାଣି
ମନକୁ ନେଲାଣି ତୋଷି ।
ଝୁପୁରୁଝୁପୁରୁ ଟୁପୁରୁଟୁପୁରୁ
ଉପରୁ ପଡୁଛି ଖସି ,
ସାରୁଗଛ ମୂଳେ ବେଙ୍ଗୁଲୀ ନାନୀ ତ
ଗାଇଲାଣି ଗୀତ ବସି ।
କିଆକେତକୀର ବାସ ଛୁଟିଲାଣି
ଫୁଟିଲାଣି ମଲ୍ଲୀ ହେନା,
ବାଡିବଗିଚାରେ ଗଛବୁରୁଛଙ୍କ
ମାଡିଲାଣି ପରା କେନା ।
ସାଧବବୋହୂର ଠୁକୁଠୁକୁ ଚାଲି
ନାଲି ଓଠେ ହସଧାର,
ବରଷାରେ ଭିଜି କୁଆଡେ ଯାଏ ସେ
ପାଏନି ଠିକଣା ତା'ର ।
ଆ' ରେ ବରଷା ଆ' ଏ ଧରାକୁ
ଆ' ତୁ ଭିଜେଇ ଯା' ,
ତୋ' ପରଶ ଲଭି କିରିକିରି ହସୁ
ଏଇ ଆମ ମାଟି ମା' ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ମୟୂରଭଞ୍ଜରେ ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା

ବାରିପଦା , ୩୦/୦୬ (ନି.ପ୍ର): ଭାରତ ବର୍ଷର ହରିୟାଣା ରାଜ୍ୟରେ ଶିଶୁ କନ୍ୟାର ସଙ୍କଟମୟ ଆନୁପାତିକ ସ୍ଥିତିକୁ ଦୃଷ୍ଟିରେ ରଖି ୨୦୧୫ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବେଟି ବଚାଅ ବେଟି ପଢାଅ ଯୋଜନାର ଶୁଭାରମ୍ଭ ହୋଇଥିଲା । ତେବେ ସାରା ଦେଶରେ ଲିଙ୍ଗଗତ ବୈଶ୍ୟମତା ଏକ ପ୍ରମୁଖ ସମସ୍ୟା ହୋଇ ଛିଡା ହୋଇ ଥିବା ବେଳେ ଆଜି ପୂର୍ବାହ୍ନ ରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ମିଳିତ ଉଦ୍ୟମରେ ପ୍ରୟାସ ହଲ ଠାରେ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ଅଧକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ଭିନିତ ଭରଦ୍ୱାଜ, ଜିଲ୍ଲା ମୁଖ୍ୟ ସିକିତ୍ସା ଅଧିକାରୀ ଡ଼. ରୂପଭାନୁ ମିଶ୍ର, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଜଗଦୀଶ ଚନ୍ଦ୍ର ଘଡ଼ାଇ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ମିସେସ ଶିବାନୀ, ଏଚଆରପିସି ଡିଏସପି ସବିତା ମାଝୀ ପ୍ରମୁଖ ଯୋଗଦେଇ ଲିଙ୍ଗଗତ ବୈଶ୍ୟମତା ପାଇଁ କେତେକ ସାମାଜିକ ପ୍ରଥା ପରମ୍ପରା, କୁସଂସ୍କାର ଦାୟୀ ଏଣୁ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନତା ମାଧ୍ୟମରେ ହିଁ ପୁଅ-ଝିଅ ମଧ୍ୟରେ ଥିବା ଲିଙ୍ଗଗତ ପାର୍ଥକ୍ୟର ମାନସିକତା କୁ ରୋକି ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଅବଗତ କରିବା ସହ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ମୁଖ୍ୟତଃ ମହିଳା ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ମାନବ ସମ୍ବଳ ବିକାଶ ତିନି ବିଭାଗର ସମନ୍ୱୟରେ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାରେ ତରାନ୍ୱିତ କରାଯାଉଛି ବୋଲି ଶ୍ରୀମତୀ ବିଶ୍ୱାଳ ପ୍ରକାଶ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଜିଲ୍ଲକ୍ଷରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଏ-୧ ରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ଜଣ ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମଓ ଡ଼. ଜ୍ଞାନେନ୍ଦ୍ର ମହାନ୍ତି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ, ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ,ବିଭିନ୍ନ ବ୍ଲକର ସି.ଡି.ପି.ଓ., ବି.ଇ. ଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ରହି ଝିଅ ମାନଙ୍କ ବିକାଶ ପାଇଁ ଉଦିଷ୍ଟ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

ବିଭିନ୍ନ ବିଦ୍ୟୁତ୍ ସମସ୍ୟା ନେଇ ମାର୍କ୍ସବାଦି କମ୍ୟୁନିଷ୍ଟ ପାର୍ଟିର ଗଣଧାରଣା

ନୀଳଗିରି , ୩୦/୦୬ (ନି.ପ୍ର): ସିପିଆଇ ଏମ ନୀଳଗିରି ଆଞ୍ଚଳିକ କମିଟି ତରଫରୁ ୨୯ତାରିଖ ଗୁରୁବାର ପୂର୍ବାହ୍ନରେ ନୀଳଗିରି ଉପଖଣ୍ଡ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିଦ୍ୟୁତ୍ ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ବରିଷ୍ଠ ନେତା ଯୋଗାନନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟୁତ ବିଭାଗର ଅଘୋଷିତ ବିଜୁଳି କାଟ, ଘରୋଇ କମ୍ପାନୀ ଟାଟା ପାୱାରର ଉପଭୋକ୍ତା ମାରଣନୀତି ଏବଂ ସରକାର କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇବା ସହ ୨୦୦ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଛାଡ଼ ଓ ଗ୍ରାହକଙ୍କୁ ସଠିକ୍ ବିଲ୍ ପ୍ରଦାନ ଆଦି ପ୍ରମୁଖ ଦାବୀ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସିପିଆଇ ଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ରାଜ୍ୟକମିଟି ସଭ୍ୟ ସିତାଂଶୁ ସେନାପତି ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାର ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ଭାବେ ଦାବୀ କରୁଥିଲା ବେଳେ ଘନଘନ ବିଜୁଳିକାଟ ସହିତ ନିରବିଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣରେ ସରକାର ଅସଫଳ ବୋଲି ଦାବୀ କରିଛନ୍ତି । ଘରୋଇ କମ୍ପାନୀକୁ ବିଦ୍ୟୁତ୍ ବିଭାଗକୁ ଟେକି ଦେବା ବନ୍ଦ କରିବା ସହିତ ଉପରୋକ୍ତ ସମସ୍ତ ଦାବିକୁ ସରକାର ଗ୍ରହଣ କରନ୍ତୁ ବୋଲି ଦଳ ଦାବି କରିଛି । ଅନ୍ୟ ମାନଙ୍କ ମଧ୍ୟରେ ନିର୍ମଳ ନାୟକ, ସୁରେଶ ନାୟକ , ସତ୍ୟଜିତ ଦାସ, ଲକ୍ଷ୍ମଣ ସ, ଷ୍ଟାଲିନ ମିଶ୍ର, ନାରାୟଣ ଧାମୁଡ଼ିଆ, କାଳିଆ ପାତ୍ର, ମିତାରାଣୀ ପରିଚ୍ଛା, ନୀଳମାଧବ ସିଂ, ଶ୍ୟାମ ସିଂ, ଅନ୍ନପୂର୍ଣ୍ଣା ମଳିକ ପ୍ରମୁଖ ସଭାରେ ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ । ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଚେତାବନୀ ଦେଇଛନ୍ତି ।

ବିଜେପିର ମହାଜନ ସଂପର୍କ ଅଭିଯାନ

ଜଳେଶ୍ୱର , ୩୦/୦୬ (ନି.ପ୍ର): ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ବର୍ଷ ଶାସନରେ ଓଡିଶାକୁ ପୂର୍ବପେକ୍ଷା ଅଧିକ ଗୁରୁତ୍ୱ ଓ ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କରିବା ଓ ୯ବର୍ଷ ଶାସନକାଳର ପୂର୍ତ୍ତି ଅବସରରେ 'ସଂକଳ୍ପରୁ ସିଦ୍ଧି'ର ବାର୍ତ୍ତାକୁ ନେଇ ଜଳେଶ୍ୱର ବିଜେପି କର୍ମୀମାନେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇଛନ୍ତି । ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ସମ୍ପେଶ୍ୱର ମଣ୍ଡଳ ଓ ଜଳେଶ୍ୱର ନଗର ଅଂଚଳରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଦୀନକୃଷ୍ଣ ସ୍ମୃତିପରିଷଦର ପ୍ରତିଷ୍ଠାତା ବିପିନ ବିହାରୀ ବିଶ୍ୱାଳ, ବିଦ୍ୟୁତ୍‌ର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରୀମନ୍ତ କୁମାର ଘୋଷ, ଅବସରପ୍ରାପ୍ତ ଶିକ୍ଷକ ରାଧାଶ୍ୟାମ ମହାପାତ୍ର, ସୁଶୀଳ କୁମାର ମହାନ୍ତି, ସିତାଂଶୁ ମହାନ୍ତି, ଗୟାମଣି ମହାନ୍ତି, ଡ. ଆଲୋକ ମହାନ୍ତି, ସ୍ୱପ୍ନେଶ୍ୱର ଜେନାଙ୍କ ସହିତ ମୋଦି ସରକାରର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା କରିଛନ୍ତି । ଏଥିରେ ଜିଲା ଉପସଭାପତି ପ୍ରବୀର କୁମାର ପ୍ରଧାନ, ସାବିତ୍ରୀ ଜେନା, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସମୀର ପାତ୍ର, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ମଣ୍ଡଳ ସଭାପତି ତପନ ବିଶ୍ୱାଳ, ହେମନ୍ତ ଦାସ, ନଗେନ୍ଦ୍ର ପାତ୍ର, ଅମୂଲ୍ୟ ସେନାପତି, ରବିନ୍ଦ୍ର ଜେନା, ଅଂଜନ ଦାସ, ସତ୍ୟବ୍ରତ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ ।

ଭାଲୁ ଆକ୍ରମଣରେ ୨ଯୁବକ ଗୁରୁତର: ନୀଳଗିରି ହସ୍ପିଟାଲରେ ଭର୍ତ୍ତି

ନୀଳଗିରି , ୩୦/୦୬ (ନି.ପ୍ର): ଅତର୍କିତ ଭାଲୁ ଆକ୍ରମଣରେ ୨ଜଣ ଯୁବକ ଆହତ ହୋଇଛନ୍ତି । ସୂଚନା ଅନୁଯାଇ ଗୁରୁବାର ସକାଳେ ନୀଳଗିରି ବ୍ଲକ କାଂଶ ପଞ୍ଚାୟତ ଅଧୀନ କରଞ୍ଜିଆ ଗ୍ରାମର କାର୍ତ୍ତିକ ବାରିକ ନିଜ ଘରୁ ବାହାରକୁ ବାହାରିବା ସମୟରେ ହଠାତ୍ ଏକ ଭାଲୁ ଆକ୍ରମଣ କରିଥିଲା । ପରିବାର ଲୋକେ ଡାକ ପକାଇବାରୁ ଭାଲୁଟି କାର୍ତ୍ତିକ କୁ ଛାଡି ପଳାଇ ଯାଇଥିଲା । ଫଳରେ କାର୍ତ୍ତିକଙ୍କ ମୁଣ୍ଡ, ମୁହଁ, ଛାତି ଏବଂ ହାତରେ ଗଭୀର ଆଘାତ ଲାଗିଛି । ଅନ୍ୟପଟେ ଉକ୍ତ ଗ୍ରାମର ଜଗନ୍ନାଥ ଦଣ୍ଡପାଟ ନିକଟସ୍ଥ ସୋନ ନଦୀ ପଠାକୁ ଶୌଚ ହେବାପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡିଯାଇଥିଲେ । ଭାଲୁଟି ଆକ୍ରମଣ କରିବା ପୂର୍ବରୁ ଉପସ୍ଥିତ ବୃଦ୍ଧି ଖଟାଇ ନଦୀକୁ ଡ଼େଇଁ ପଡ଼ିଥିଲେ । ତାଙ୍କର ଗୋଡ଼ରେ ଆଘାତ ଲାଗିଥିଲା । ଉଭୟଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲ ଅଣାଯାଇ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି ।

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ମୋଟ ୮୩ ୟୁନିଟ ରକ୍ତ ସଂଗ୍ରହ

ବାରିପଦା , ୩୦/୦୬ (ନି.ପ୍ର): ବିଜୁ ଜନତା ଦଳ ରାଜ୍ୟ ସଂଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମଦିବସ ଅବସରରେ ବାରିପଦା ବିଜୁ ଜନତା ଦଳ ନଗର କମିଟି ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ରକ୍ତଦାନ ଶିବିରରେ ମୋଟ ୮୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବାରିପଦା ପୌରାଳର ୨୮ ଗୋଟି ୱାର୍ଡରୁ ପୁରୁଷ ଓ ମହିଳାମାନେ ଏହି ରକ୍ତଦାନ ଶିବିରରେ ଅଂଶ ଗ୍ରହଣ କରି ରକ୍ତଦାନ କରିଥିଲେ । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଆଦିବାସୀ ବ୍ୟାପାର ଓ ସଂଖ୍ୟାଲଘୁ ବିଭାଗର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାରାଣ୍ଡି, ଜିଲ୍ଲା ସହ ପର୍ଯ୍ୟ ବେକ୍ଷକ ଜନ୍ମେଜୟ ଲେଙ୍କା, ଆଇଟି କୋଡିନେଟର ସୁବ୍ରତ ଛାଟୋଇ, ପୂର୍ବତନ ବିଧାୟକ ଭାଦ୍ରବ ହାଁସଦା, ରାଜ୍ୟ କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଏହି ରକ୍ତଦାନ ଶିବିରରେ ଯୋଗଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ମଧ୍ୟାହ୍ନରେ ରୋଜ ଭିନ୍ନକ୍ଷମ ଅନୁଷ୍ଠାନର ପିଲାମାନଙ୍କ ଦ୍ୱାରା କେକ୍ କଟାଯାଇ ପ୍ରଣବ ପ୍ରକାଶ ଦାସଙ୍କ ଜନ୍ମଦିନ ପାଳନ କରାଯାଇଥିଲା । ବିଜୁ ଜନତା ଦଳ ବାରିପଦା ଟାଉନ କମିଟି ଦ୍ୱାରା ରୋଜ ଅନୁଷ୍ଠାନର ସମସ୍ତ ପିଲାମାନଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଥିଲା । ବାରିପଦା ନଗରପାଳ ତଥା ବିଜୁ ଜନତା ଦଳ ବାରିପଦା ଟାଉନ ସଭାପତି କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ସଭ୍ୟ ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ବାରିପଦା ବ୍ଲକ ଅଧକ୍ଷ ସୁନ୍ଦର ସିଂ, ସରୋଜ ବୋଷ, ଅମର ସେଠୀ, ବିଭିନ୍ନ ୱାର୍ଡର କାଉନସିଲର ଏବଂ ପୂର୍ବତନ କାଉଁସିଲର, ଯୁବସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ ପ୍ରମୁଖ ବହୁ ବିଜେଡି କର୍ମୀ ଓ ନେତା ଯୋଗଦେଇଥିଲେ ।

ନୂଆସାହି ମହାବିଦ୍ୟାଳୟରେ ଜାତୀୟ ଆଲୋଚନା ଚକ୍ର

ଉଦଳା , ୩୦/୦୬ (ନି.ପ୍ର): କପ୍ତିପଦାସ୍ଥିତ ନୂଆସାହି ମହାବିଦ୍ୟାଳୟରେ ଆଇ.କ୍ୟୁ.ଏ.ସି. ବିଭାଗ ଦ୍ୱାରା ଶିର୍ଷକ ଭାରତର ପ୍ରାଚିନ ବୈଜ୍ଞାନିକ ପରମ୍ପରା ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଇ.କ୍ୟୁ.ଏ.ସି. ବିଭାଗର ସଂଯୋଜକ ଡ଼. ନିବାରଣ ଶତପଥୀଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଅଧକ୍ଷା ଡ଼. ଲିପିକା ବେହେରା ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧାପିକା ଡ଼. ମମତା ମହାନ୍ତିଙ୍କ ଦ୍ୱାରା ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଡ଼. ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ଆଇ.ଆଇ.ଟି. ରୁରକି ଉତରାଖଣ୍ଡ ରସାୟନ ବିଭାଗର ପ୍ରଫେସର ପରିତୋଷ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଶିକ୍ଷାର୍ଥି ମାନଙ୍କୁ ଭାରତର ପ୍ରାଚୀନ ବୈଜ୍ଞାନିକ ପରମ୍ପରା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଏଥିସହିତ ଭାରତର ପ୍ରାଚୀନ ବିଜ୍ଞାନକୁ ୟୁରୋପିୟ ଦେଶମାନେ ଗବେଷଣା କରି ଆଧୁନିକ ବିଜ୍ଞାନରେ ନିଜର ପାରଦର୍ଶିତା ଦେଖାଉଛନ୍ତି ଯାହାକି ଆମ ସମସ୍ତ ଭାରତୀୟଙ୍କ ପାଇଁ ଶୁଭଙ୍କର ନୁହେଁ ବୋଲି ମତ ପ୍ରଦାନ କରିଥିଲେ । ତେଣୁ ପ୍ରତ୍ୟେକ ଶିକ୍ଷାର୍ଥି ଆମ ଦେଶର ପ୍ରାଚୀନ ବିଜ୍ଞାନକୁ ଜାଣିବା ଦରକାର ଏବଂ ଉକ୍ତ ବିଜ୍ଞାନକୁ ଗବେଷଣା କରି ଆଧୁନିକ ବିଜ୍ଞାନରେ ପ୍ରୋୟଗ କରିପାରିଲେ ଆମ ଦେଶ ଅଧିକ ବିକଶିତ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଆଲୋଚନାଚକ୍ରରେ ଫକିରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ପ୍ରଫେସର ସୂର୍ଯ୍ୟେନ୍ଦୁ ଦେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିକ୍ଷାର୍ଥି ମାନଙ୍କୁ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ । ଶିକ୍ଷାର୍ଥି ମାନେ ଆଧୁନିକ ବିଜ୍ଞାନର ଉତ୍ସ ଭାରତର ପ୍ରାଚୀନ ବୈଜ୍ଞାନିକ ପରମ୍ପରା ବୋଲି ଭୁଲିଯିବା ଉଚିତ ନୁହେଁ ଯାହାକି ସେ ତାଙ୍କ ବକ୍ତ୍ୟରେ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଉଦଳା ମହାବିଦ୍ୟାଳୟର ଅଧକ୍ଷ ଡ଼. ଯତିନ କୁମାର ମହାକୁଡ଼ ଯୋଗ ଦେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଭାରତର ପ୍ରାଚୀନ ବୈଜ୍ଞାନିକ ପରମ୍ପରାକୁ ଶିକ୍ଷାର୍ଥିମାନେ ଜାଣିବା ପାଇଁ ସୁବିଧା ସୁଯୋଗର ଆବଶ୍ୟକ ରହିଛି ଏବଂ ସରକାର ଏଦିଗରେ ଦୃଷ୍ଟିଦେବା ଆବଶ୍ୟକ ଯାହାକି ପରବର୍ତ୍ତୀ ପିଢ଼ି ପାଇଁ ଏହାକୁ ଜାଣିବାରେ ସୁବିଧା ହୋଇପାରିବ ବୋଲି ତାଙ୍କ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ଭାବେ କପ୍ତିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆସାହିର ଅଧକ୍ଷ ଡ଼. ଚନ୍ଦ୍ରକୁମାର ପଟ୍ଟନାୟକ ଯୋଗ ଦେଇ ପ୍ରାଚୀନ ଭାରତର ବିଜ୍ଞାନ ସହିତ ଦର୍ଶନର ମଧ୍ୟ ସମ୍ପର୍କ ରହିଛି ଯାହାକି ପ୍ରତ୍ୟେକ ଭାରତୀୟ ଜାଣିବା ଆବଶ୍ୟକ ବୋଲି ସେ ତାଙ୍କ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧାପିକା ଡ଼. ମମତା ମହାନ୍ତିଙ୍କ ଦ୍ୱାରା ଲିଖିତ 'ସୋସିଓଲିଙ୍ଗୁଷ୍ଟିକ ଏନ ଇଣ୍ଟ୍ରୋଡୁକସନ ଟୁ ଲାଙ୍ଗୁଏଜ ଏଣ୍ଡ ସୋସାଇଟି' ପୁସ୍ତକଟି ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଆଲୋଚନାଚକ୍ରରେ ମହିଳା ମହାବିଦ୍ୟାଳୟ ଗୋଡ଼ା, ଝାଡ଼ଖଣ୍ଡ ଏବଂ ଶିବୁସୋରେନ ଜନଜାତ୍ୟ ଡ଼ିଗ୍ରୀ ମହାବିଦ୍ୟାଳୟ, ଝାଡ଼ଖଣ୍ଡର ଅଧାପକ ଅଧାପିକା ଙ୍କ ସହିତ ଶିକ୍ଷାର୍ଥି ମାନେ ଯୋଗ ଦେଇ ନିଜର ସନ୍ଧର୍ଭ ଉପସ୍ଥାପନ କରିଥିଲେ । ଏଥିସହିତ ବାଇଗଣବାଡ଼ିଆ ମହାବିଦ୍ୟାଳୟ , ଖୁଂଟା ଡ଼ିଗ୍ରୀ ମହାବିଦ୍ୟାଳୟ, ବାରିପଦା ଡ଼ିଗ୍ରୀ ମହାବିଦ୍ୟାଳୟ ଏବଂ ନୂଆସାହି ଡ଼ିଗ୍ରୀର ଅଧାପିକା ଏବଂ ଶିକ୍ଷାର୍ଥି ମାନେ ନିଜର ସନ୍ଧର୍ଭ ଉପସ୍ଥାପନ କରିଥିଲେ । ଏହି ଅବସରରେ ଆଇ.କ୍ୟୁ.ଏ.ସି.ର ସଂଯୋଜକ ଡ଼. ନିବାରଣ ଶତପଥୀଙ୍କୁ ଉଚ୍ଚ ଶିକ୍ଷାରେ ପି.ଏଚ୍.ଡ଼ି. ଲାଭ କରିଥିବା ଯୋଗୁଁ ତାଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ଉପସ୍ଥିତ ରହି ଆଲୋଚନାଚକ୍ରକୁ ସାଫଲ୍ୟମଣ୍ଡିତ କରିଥିଲେ । ଆଲୋଚନାଚକ୍ରର ଶେଷରେ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧାପକ ବିଭୁ ରଂଜନ ବିଶ୍ୱାଳ ଶେଷ ସ୍ପର୍ଶ ପ୍ରଦାନ କରିଥିଲେ ।

ଟାଟା ପାୱାର ଏସ୍‌ଡିଓ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ

ଜଳେଶ୍ୱର , ୩୦/୦୬ (ନି.ପ୍ର): ଘନ ଘନ ଅଘୋସିତ ବିଦ୍ୟୁତ୍‌କାଟ, ଲୋ ଭଲଟେଜ, ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ, ଭିତ୍ତିଭୂମୀର ଉନ୍ନତିପାଇଁ ୨୦ ହଜାରକୋଟି ଟଙ୍କା ଦୁର୍ନିତୀର ତଦନ୍ତ ଓ ବିଦ୍ୟୁତ୍ କର ବୃଦ୍ଧି ବନ୍ଦ କରିବା ଦାବିରେ ସିପିଆଇଏମ୍ ଜଳେଶ୍ୱର ଶାଖା ପକ୍ଷରୁ ଏକ ଗଣ ଧାରଣା ସ୍ଥାନୀୟ ଟାଟା ପାୱାର ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍

୨ୟ ଶ୍ରୀକ୍ଷେତ୍ର ବାରିପଦାରେ ବାହୁଡାଯାତ୍ରା ଆରମ୍ଭ

- ଖରା ଓ ଗୁଳୁଗୁଳି ସତ୍ତ୍ୱେ ପ୍ରବଳ ଜନସମାଗମ
- ସମ୍ପୂର୍ଣ୍ଣ ବଡ଼ଦାଣ୍ଡ ରଥ ଏବଂ ଭକ୍ତମୟ
- ଆଜି ରଥ ଉପରେ ଦର୍ଶନ ଦେବେ ମହାପ୍ରଭୁ

ବାରିପଦା , ୩୦/୦୬ (ନି.ପ୍ର): ୨ୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରାର ପରଂପରା ମୁତାବକ ପୁରି ବାହୁଡାଯାତ୍ରା ପରଦିନ ଏଠାରେ ଦୁଇ ଦିନ ଧରି ବାହୁଡାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ, ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେ ଟାଣିଥାନ୍ତି । ତେବେ ଆଜି ପ୍ରଥମ ଦିନ ବାହୁଡା ଯାତ୍ରାରେ ପ୍ରଥମେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ମହାଉଲ୍ଲାସରେ ଟାଣିନେଇ ଶ୍ରୀ ମନ୍ଦିର ନିକଟରେ ପହଞ୍ଚାଇ ଥିଲେ। ନନ୍ଦିଘୋଷ ରଥଟଣା ବେଳେ ରଥ ଦଉଡି ଛିଡି ଯାଇଥିବାର ଦେଖାଯାଇଥିଲା. ତେବେ ଏଥିରେ କାହାରି କୌଣସି କ୍ଷତି ହୋଇନାହିଁ। ପରେପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ଭକ୍ତ ମାନେ ମାଉସୀ ବାଡ଼ି ନିକଟରୁ ଟାଣିନେଇ ଅଧା ବାଟ ଅର୍ଥାତ ଟାଉନ ଥାନା ନିକଟରେ ପହଂଚାଇଥିବା ଜଣାଯାଇଛି। ବଳଭଦ୍ରଙ୍କ ତାଳଧ୍ୱଜ ରଥ ଆଜି ମାଉସୀବାଡି ନିକଟରେ ରହିଛି। ତେବେ ଆଜି ପ୍ରବଳ ଗୁଳୁଗୁଳି ଓ ଖରା ପାଗ ଥିବା ସତ୍ତ୍ୱେ ୨ୟ ଶ୍ରୀକ୍ଷେତ୍ର ବାରିପଦା ବଡଦାଣ୍ଡ ଜନସମୁଦ୍ର ପାଲଟି ଥିଲା। ଆଜି ସମଗ୍ର ବଡ଼ ଦାଣ୍ଡ ରଥମୟ ଠାକୁରମୟ ହୋଇ ଉଠିଥିବା ବେଳେ, ଆଜି ଯେ ଯାହାର ରଥ ଉପରେ ଦର୍ଶନଦେବେ ଦିଅଁ ମାନେ। ଲକ୍ଷଲକ୍ଷ ଭକ୍ତଙ୍କ ସମାଗମରେ ସମ୍ପୂର୍ଣ୍ଣ ବଡଦାଣ୍ଡ ଲୋକାରଣ୍ୟ ପାଲଟିଥିବା ବେଳେ, ଅନେକ ସମୟରେ ଭୀଡ ନିୟନ୍ତ୍ରଣ କରିବାକୁ ପୋଲିସ ବାହିନୀକୁ ନାକେଦମ ହେବାକୁ ପଡିଥିଲା । ଆଜିର ରଥ ଟଣାରେ ବହୁ ରାଜନେତା, ସରକାରୀ ଅଧିକାରୀ, କଳାକାର ମାନେ ସାମିଲ ହୋଇଥିଲେ । ରଥଟଣା ସମୟରେ ଗୁଳୁଗୁଳିରୁ ତ୍ରାହି ପାଇଁ ଅଗ୍ନୀଶମ ବିଭାଗ ତରଫରୁ କୃତିମ ବର୍ଷାର ବ୍ୟବସ୍ଥା କରାଯାଇଥିଲା । ସେହିପରି ଜିଲ୍ଲାସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରଥ ଯାତ୍ରା ଆରମ୍ଭରୁ ଶେଷ ଯାଏ ବଡ ଦାଣ୍ଡର ବିଭିନ୍ନ ସ୍ଥାନରେ ଜ୍ଞାନୀ ବକ୍ତା ମାନଙ୍କୁ ଆମନ୍ତ୍ରଣ କରାଯାଇ ଧାରାବୀବରଣି ପ୍ରଦାନର ବ୍ୟବସ୍ଥା କରାଯାଇଥିବା ସହ ପାଲା ଦାସକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଥିବା ବେଳେ, ରେଡକ୍ରସ, ଏନ. ଏସ.ଏସ., ସ୍କାଉଟ ଗାଇଡ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦଶ୍ୟ ମାନେ ଜଳସେବା, ଏବଂ ସୁରକ୍ଷା ଆଦି କାର୍ଯ୍ୟରେ ସହଯୋଗ କରିଥିଲେ । ସଫେଇ କର୍ମଚାରୀ ମାନେ ରଥ ଟଣା ସମୟରେ ସଫେଇ କାର୍ଯ୍ୟ ସୁନ୍ଦର ଭାବରେ ତୁଲାଉଥିବା ସହ ମେଳାରେ ସୃଷ୍ଟି ହେଉଥିବା ଓଳିଆକୁ ବିଳମ୍ବିତ ରାତିରେ ସଫେଇ କରିବାର ଦେଖାଯାଇଥିଲା । ବାରିପଦା ରଥଯାତ୍ରାର ଅନ୍ୟଏକ ବିଶେଷତ୍ୱ ହେଉଛି ଏଠାକାର ବଡ ଦାଣ୍ଡରେ ରଥ ଟଣା ବେଳେ, ଆଦିବାସୀ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ଏକ ଅପୂର୍ବ ମିଳନ ଘଟିଥାଏ । ବଡ ଦାଣ୍ଡରେ ଖୋଳକୀର୍ତନ, ଓଡିଶୀ, ପାଇକ ନାଚ, ଝୁମର, ଚାଙ୍ଗୁନାଚ ଆଦି ସହ ଆଦିବାସୀ ସଂସ୍କୃତିର ଝଲକ ମାନ ଦେଖିବାକୁ ମିଳିଥିଲା । ତେବେ ଶୃଙ୍ଖଳିତ ରଥଯାତ୍ରା ଓ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାର ଦେଖା ଯାଇଛି । ସେହିଭଳି ରଥଯାତ୍ରା ଉପଲକ୍ଷେ ଲାଗିଥିବା ମେଳାରେ ଚଳିତ ବର୍ଷ ବହୁ ଦୋକାନ ବଜାର ବସିଥିବା ବେଳେ, ଇଲେକ୍ଟ୍ରି ଦୋଳି ଲୋକଙ୍କୁ ବେଶ ଆକୃଷ୍ଟ କରୁଥିବାର ଦେଖାଯାଉଛି ।

ଜୁଲାଇ ୧୦ରୁ ସମୂହ ଛୁଟିରେ ରହିବେ ବନ କର୍ମଚାରୀ

ବାରିପଦା , ୩୦/୦୬ (ନି.ପ୍ର): ଶିମିଳିପାଳ ଅଭ୍ୟାରଣ୍ୟ ଭିତରେ ନିକଟ ଅତୀତରେ ୨ଜଣ ବନ କର୍ମଚାରୀ ଶିକାରୀଙ୍କ ଗୁଳିରେ ମୃତ୍ୟୁବରଣ କରିବା ପରେ ଓଡ଼ିଶା ଅଣଗେଜେଟେଡ଼ ବନ କର୍ମଚାରୀ ସଂଘ ବିଭିନ୍ନ ଦାବୀ ନେଇ ଆନ୍ଦୋଳନ କୁ ଓହ୍ଲାଇଛି। ତେବେ ସଙ୍ଘ ପକ୍ଷରୁ ଆଗାମୀ ଜୁଲାଇ ୧୦ରୁ ବନ କର୍ମଚାରୀ ମାନେ ସମୂହ ଛୁଟିରେରହିବାର ନିଷ୍ପତି ନେଇଛନ୍ତି. ଏ ନେଇ ସଂଘ ପକ୍ଷରୁ ଧର୍ମଘଟ ପାଇଁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ବନ ଅଧିକାରୀ ସମେତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବାର ଜଣାଯାଇଛି । ସେମାନଙ୍କର ଦାବୀ ମୁତାବକ ୫୦ଟି ସ୍ଥାନରେ ଏସ୍‌ଏସ୍‌ଏଫ୍ ଗଠନ କରିବା, ବନ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ମଙ୍ଗଳ ପାଣ୍ଠି ଗଠନ କରିବା, ପ୍ରତି ସର୍କଲରେ ସୁରକ୍ଷା ପାଇଁ ଟିମ ଗଠନ କରିବା, ରେଞ୍ଜ ଓ ସେକ୍ସନ ଅନୁଯାୟୀ ଖାଲି ପଡ଼ିଥିବା ସମସ୍ତ ପଦବୀକୁ ଯଥାଶୀଘ୍ର ପୂରଣ କରାଯିବା, କର୍ମଚାରୀଙ୍କୁ ସହାୟତା ରାଶି ଯୋଗାଇଦେବା ଆଦି ଦାବି ଉପସ୍ଥାପନ କରାଯାଇଛି । ଏହାକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଯୋଗୀନେନି, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ବାରିପଦା ଡିଏଫଓ ସନ୍ତୋଷ କୁମାର ଯୋଶୀ ଓ ଅନ୍ୟାନ୍ୟ ବନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ ନହେଲେ ଜୁଲାଇ ୧୦ରୁ ଅଣ ଗେଜେଟେଡ଼ ବନ କର୍ମଚାରୀ ମାନେ ସମୂହ ଛୁଟିରେ ରହିବେ । ଏବଂ କାର୍ଯ୍ୟ ବନ୍ଦ କରି ଭୁବନେଶ୍ୱରରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ବିଶିଷ୍ଟ ଚାଟଶାଳୀ ଶିକ୍ଷକ ଗଣେଶ୍ୱର ନାଏକଙ୍କ ପରଲୋକ

ଚମ୍ପୁଆ, ୩୦/୦୬ (ନି.ପ୍ର): ଚମ୍ପୁଆ ବ୍ଲକ ଉଚ୍ଚବାଲି ପଂଚାୟତ ଅନ୍ତର୍ଗତ କେମୁଣ୍ଡିଆ ଗ୍ରାମର ବିଶିଷ୍ଟ ଚାଟଶାଳୀ ଶିକ୍ଷକ, ସଂଗଠକ ଗଣେଶ୍ୱର ନାଏକ (୮୫) ଙ୍କ ପରଲୋକ ହୋଇଯାଇଛି । କେମୁଣ୍ଡିଆ ରୁପେଶ୍ୱର ମନ୍ଦିର ପରିସରରେ ସେ ଅକସ୍ମାତ ପଡିଯାଇ ଚେତା ହରାଇ ଥିଲେ । ସେ ଜଣେ ଉତ୍ତମ ସଂଗଠକ ଓ ଆଜୀବନ ଚାଟଶାଳୀ ଶିକ୍ଷକ ରୂପେ ଶିକ୍ଷା ଦାନ କରି ଆସୁଥିଲେ । ତାଙ୍କ ମୃତ୍ୟୁ ରେ ଗ୍ରାମ ତଥା ଅଂଚଳ ରେ ଗଭୀର ଶୋକ ପ୍ରକାଶ ପାଇଛି । ଗରିବୀ ଓ ଅଭାବ ମଧ୍ୟ ରେ ତାଙ୍କ ଜୀବନ ଅତିବାହିତ ହୋଇଛି । ବାଲ୍ୟକାଳୁ ସେ ବିଭିନ୍ନ ସରକାରୀ ଅଧିକାରୀଙ୍କ ରୋଷେୟା, ଅନ୍ୟ ର ଛେଳି, ଗାଈ ଚରାଇବା, ଯତ୍ନ ନେବା କାମ କରୁଥିଲେ ମଧ୍ୟ ପାଠ ପଢ଼ିବାର ଅଦମ୍ୟ ନିଶା ଆଗ୍ରହ ଯୋଗୁ ବାଲ୍ୟ କାଳୁ ଚାଟଶାଳୀ ଶିକ୍ଷକତା କରିବା ସହ ଜଗତସିଂହପୁରର ଏସ କେ ଏକାଡେମୀ ରୁ ଏକାଦଶ ଶ୍ରେଣୀ ଯାଏ ଅଧ୍ୟୟନ କରିଥିଲେ। ଛାତ୍ର ଓ ଯୁବକ ଅବସ୍ଥାରେ ଜଗତସିଂହପୁର ଅଂଚଳ ରେ ଏବଂ ବାଂଶପାଳର କାଦକଳା, ବାଟୁଦିହି, ଚମ୍ପୁଆ ବ୍ଲକର କାଶୀପାଳ,ନିଜ ଗ୍ରାମ କେମୁଣ୍ଡିଆ, ରରୁଆଗୋଡ଼ା ଆଦି ଅଞ୍ଚଳରେ ପିଢ଼ି ପରେ ପିଢ଼ି ପିଲାମାନଙ୍କୁ ଚାଟଶାଳୀ ପାଠ ପଢାଇ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ଅନେକ ଶିକ୍ଷାନୁଷ୍ଠାନ ଗଠନ କରିବାରେ ତାଙ୍କ ଭୂମିକା ରହି ଥିଲା । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର ତିଳକ ଚନ୍ଦ୍ର ନାଏକ, ସୋମନାଥ ନାଏକ, ବୋହୂ, ନାତି, ନାତୁଣୀ ଆତ୍ମିୟ ସ୍ୱଜନ ଉପସ୍ଥିତ ଥିଲେ । ବୈତରଣୀ ନଦୀ ଶ୍ମସାନ ଘାଟ ରେ ତାଙ୍କ ଦାହ ସଂସ୍କାର କରାଯାଇଥିବାବେଳେ ପୁତୁରା ନଟବର ନାଏକ ମୁଖାଗ୍ନି ଦେଇ ଥିଲେ। ତାଙ୍କର ମୃତ୍ୟୁ ରେ ଗଭୀର ଶୋକ ପ୍ରକାଶ କରି ପାଟଣା ର ପୂର୍ବତନ ବିଧାୟକ, ଯୋଜନା ବୋର୍ଡ ଅଧକ୍ଷ ହୃଷିକେଶ ନାଏକ, ଉଚ୍ଚବାଲି ସରପଞ୍ଚ ରଣଜିତ ନାଏକ, ପୂର୍ବତନ ନାଏବ ସରପଞ୍ଚ ସୂର୍ଯ୍ୟକାନ୍ତ ନାଏକ , ଓଡ଼ିଆ ସଂସ୍କୃତି ସୁରକ୍ଷା ମଞ୍ଚ, ସଭାପତି ବିଜୟ କୁମାର ବାରିକ, ଶିକ୍ଷାବିତ ଆଶୀର୍ବାଦ ମହାନ୍ତ, ଭଣ୍ଡା ସଂଜୀବନୀ ସାହିତ୍ୟ ସଂସଦ ସମ୍ପାଦକ, ଲେଖକ, ସଂଗଠକ ଶ୍ରୀ ଉମ୍ବରୁ ମହାନ୍ତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ ଜଣେ ଉତ୍ତମ ସଂଗଠକ, ଶିକ୍ଷକଙ୍କୁ ହରାଇଲୁ ବୋଲି ମତବ୍ୟକ୍ତ କରି ତାଙ୍କ ପରିବାର କୁ ସମବେଦନା ଜଣାଇଥିଲେ ।

ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: (୧) **114-ELC-G- KGP-23-24-16 & (2) 114-ELC-G-KGP- 23-24-17,** ତା **27.06.2023** ଭାରତ ରାଷ୍ଟ୍ରପତିଙ୍କ ତରଫରୁ ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଯନ୍ତ୍ରୀ (ଜି), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର -୭୨୭୩୦୧ ଏବଂ ତାଙ୍କ ତରଫରୁ ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରନ୍ତି । ଆଇଟମଗୁଡିକ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୨.୩୦ ଘଣ୍ଟାରେ ଖୋଲାଯିବ । ସିରିଏଲ୍ ନଂ. କାର୍ଯ୍ୟର ବର୍ଣ୍ଣନା: (୧) ଭଞ୍ଜପୁର-ବଜ୍ରିପୋସି ମଧ୍ୟରେ ମ୍ୟାନେଡ **LC** ନମ୍ବର **RB-64** ବଦଳରେ **NHS / LHS** ନିର୍ମାଣ ପାଇଁ ବୈଦ୍ୟୁତିକ କାର୍ଯ୍ୟ । (୨) ଜରୁରୀକାଳୀନ ସାଇଡିଂ ବୁମ୍ ଯୋଗାଣ ସହିତ ଲେଭଲ୍ କ୍ରସିଂ ଗେଟ୍ ନମ୍ବର LC-119 **(DVM-GTS)**ର ଇଣ୍ଟରଲକ୍ ପାଇଁ ବୈଦ୍ୟୁତିକ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ.୧୨,୪୦,୨୩୮.୬୬ (ସିରିଏଲ୍ ନମ୍ବର ୧ ପାଇଁ), ଟ.୨,୦୬,୧୩୨.୨୨ (ସିରିଏଲ ନମ୍ବର ୨ ପାଇଁ) । **EMD: 24,800** / - (ସିରିଏଲ୍ ନମ୍ବର ୧ ପାଇଁ), ଞ୪,୧୦୦ / - (ସିରିଏଲ୍ ନମ୍ବର ୨ ପାଇଁ) ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ପ୍ରତ୍ୟେକ ପାଇଁ ନିଲ୍ । ସମାପ୍ତି ଅବଧି: ପ୍ରତ୍ୟେକଙ୍କ ପାଇଁ ଚିଠିର ଗ୍ରହଣ ତାରିଖ ଠାରୁ ୬ ମାସ । ଦାଖଲ ତାରିଖ: ୧୯.୦୭.୨୦୨୩ ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ, ପ୍ରତ୍ୟେକ ପାଇଁ ୧୯.୦୭.୨୦୨୩ ର । ଖୋଲିବାର ତାରିଖ: ପ୍ରତ୍ୟେକ ପାଇଁ ୧୯.୦୭.୨୦୨୩ । ଇଚ୍ଛୁକ ଟେଣ୍ଡରକାରୀମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶା କରୁଥିବା ବିଡରମାନେ ନିୟମିତ ଭାବରେ **"www.ireps.gov.in"** ପରିଦର୍ଶନ କରିପାରିବେ ।

(PR-347)

ଝାଲପଡା ପଂଚାୟତରେ ୩ ମାସ ଚାଉଳ ପାଇବାରୁ ବଂଚିତ ହିତାଧିକାରୀ ବିକ୍ଷୋଭ ପ୍ରଦର୍ଶନ

ଧର୍ମଶାଳା, ୩୦/୦୬ (ନି.ପ୍ର): ସରକାର ଗରୀବଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି । ଏନେଇ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ହେଲେ କେତେକ କର୍ମଚାରୀଙ୍କ ନିମନ୍ତେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏପରି ଜନସାଧାରଣ ରାସ୍ତା ଅବରୋଧ କରିବାକୁ ପଛାଉ ନାହାନ୍ତି । ସରକାର ଦରିଦ୍ର ସୀମା ରେଖା ତେଳେ ବସବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ ରାସନ ସାମଗ୍ରୀ ମାଧ୍ୟମରେ ଚାଉଳ ଯୋଗାଇ ଦେଉଛନ୍ତି । ଚାଉଳ ଦେବା ନିମନ୍ତେ ଡିଲର ନିଯୁକ୍ତି କରିଛନ୍ତି । ଏହି ଡିଲରମାନେ ଜନସାଧାରଣଙ୍କ ଚାଉଳ ହେର ଫେର କରୁଥିବା ନେଇ ଅଭିଯୋଗ ଆସିଛି । ୩ ମାସର ଚାଉଳ ନ ପାଇବାରୁ ଶତାଧିକ ଜନସାଧାରଣ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରଛନ୍ତି । ଆଜି ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ବରୀ ନିର୍ବାଚନ ମଣ୍ଡଳୀ ଝାଲପଡା ପଂଚାୟତରେ । ଏହି ପଂଚାୟତର ୧୨,୧୩,୧୪,୧୫ ଓ ୧୬ ନମ୍ବର ୱାର୍ଡର ଶତାଧିକ ଜନସାଧାରଣ ୩ ମାସ ହେବ ଚାଉଳ ପାଇବାରୁ ବଂଚିତ ହୋଇଛନ୍ତି । ଡିଲର ପଶୁ୍ୟରାମ ମୁଦୁଲୀ ଏହାକୁ ଆଜି କାଲି କହି ଲୋକମାନଙ୍କୁ ଦିନ ପରେ ଦିନ ଗଡାଇ ଚାଲିଛନ୍ତି। ଏବଂ ଗ୍ରାମବସୀ ଏନେଇ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଜଜାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା । ଫଳରେ ଆଜି ସେମାନେ ବାଧ୍ୟ ହୋଇ ବରୁହାଁ-କୃଷ୍ଣଦାସପୁର ମୁଖ୍ୟ ରାସ୍ତା ଝାଲପଡା ଛକ ନିକଟରେ ଅସନ୍ତୋଷ ପ୍ରକାଶ କରି ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଫଳରେ ବହୁ ଗାଡି ଚଳାଚଳ ବନ୍ଦ ରହି ସହ ଶହଶହ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଖବର ପାଇ ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳରେ ପଂହଚ ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନ କରିଥିଲେ । ଯେଉଁ ପର୍ଯ୍ୟନ୍ତ ସେମାନଙ୍କୁ ଚାଉଳ ନ ଦିଆଯାଇଛି ସେପର୍ଯ୍ୟନ୍ତ ରାସ୍ତା ରୋକ ଚାଲୁ ରହିବା ସହ ଡିଲରଙ୍କୁ ହଟାଇବା ପାଇଁ ଦାବି କରିଥିଲେ । ଯାଜପୁର ବ୍ଲକରୁ କର୍ମଚାରୀ ଘଟଣାସ୍ଥଳରେ ପଂହଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ୨ ଘଂଟା ପରେ ଉଭୟ ପଟୁ ଗାଡି ଚଳାଚଳ ସ୍ୱଭାବିକ ହୋଇଥିଲା ।

କେନ୍ଦୁଝରଠାରେ ଭାରତ୍ ଜାକାତ୍ ମାଝୀ ପାର୍ଗାନ୍ ମହଲ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

କେନ୍ଦୁଝର, ୩୦/୦୬ (ନି.ପ୍ର): କେନ୍ଦୁଝର ଠାରେ ଭାରତ୍ ଜାକାତ୍ ମାଝୀ ପାର୍ଗାନ୍ ମହଲ୍ କେନ୍ଦୁଝର ଶାଖା ଏବଂ ଭାରତ୍ ଜାକାତ୍ ସାରନା ଧରମ୍ ଚଦେଡ୍ ଆଶ୍ଲା ଜିଲ୍ଲା ଶାଖାର ଆହ୍ୱାନକ୍ରମେ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ପରେ ୧୦ ଦେଫା ଦାବୀପତ୍ର ଜିଲ୍ଲାପାଳକଂ ଜରିଆରେ ମାନ୍ୟବର ମୂଖ୍ୟମନ୍ତ୍ରୀଙ୍କୁଂ ପ୍ରଦାନ କରାଯାଇଥିଲା । ବିକ୍ଷୋଭକାରୀ ମାନେ ପ୍ରଥମେ ଧୋବାଡିହାଠାରୁ ଏକ ବିରାଟ ପଟୁଆରରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ନାଗରାମାଦଳ ବଜାଇ ସେମାନଙ୍କର ନାର୍ଯ୍ୟ ଦାବୀ ପୂରଣ କରିବାକୁ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ସହର ପରିକ୍ରମା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ପରେ ସେଠାରେ ଏକ ପଥପ୍ରାନ୍ତ ସଭା କରିଥିଲେ । ସେଥିରେ ଉପସ୍ଥିତ ନେତୃମଣ୍ଡଳି ସେମାନଙ୍କର ଦଶ ଦଫା ଦାବୀ ଉପସ୍ଥାପନ କରିବା ସହିତ ସାନ୍ତାଳି ଭାଷାକୁ ସଂଖ୍ୟାଲଘୁ ଭାଷାର ମାନ୍ୟତା ଦେବାକୁ ଦୃଢ ଦାବୀ ଉପସ୍ଥାପନ କରିଥିଲେ । ଆନ୍ଦୋଳନ ଆହ୍ୱାନକାରୀ ସଂଗଠନ କରିଥିବା ଦାବୀ ଗୁଡିକ ମଧ୍ୟରେ ସାନ୍ତାଳି ଭାଷାକୁ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ, ସାନ୍ତାଳୀ ଶିକ୍ଷାକୁ ପରିଚାଳନା ଓ ତ୍ୱରାନ୍ୱିତ କରିବା ପାଇଁ ବୋର୍ଡ ଏବଂ କାଉନସିଲ ଗଠନ କରିବା, ୨୦୦୭ ମସିହା ନିଯୁକ୍ତିପ୍ରାପ୍ତ ସାନ୍ତାଳୀ ଶିକ୍ଷକ ମାନଙ୍କୁଂ ନିୟମିତ କରିବା, ସାନ୍ତାଳି(ଅଲଚିକି)ରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ସୁ ବ୍ୟବସ୍ଥା କରିବା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଛତିଶଗଡ଼ର....

କିନ୍ତୁ ଏଥର ଅଣ ମୌସୁମୀ ସମୟରେ କଲମା ବ୍ୟାରେଜ କିଛି ଗେଟ୍ ଖୋଲି ଦେଇଥିଲା। ମହାନଦୀ ଟ୍ରିବ୍ୟୁନାଲ ଟିମର ଯାଞ୍ଚ ବେଳେ ଚାଲାକି ଦେଖାଇ କିଛି ଗେଟ୍ ଖୋଲି ଦେଇଥିଲା। ପରବର୍ତ୍ତୀ ସ୍ତରରେ ତାକୁ ବନ୍ଦ କରିଦେଇଥିଲା। ଏବେ ଉପର ମୁଣ୍ଡରେ ବର୍ଷା ହେଉଥିବାରୁ ଛତିଶଗଡ଼ କଲମା ବ୍ୟାରେଜର ୬୪ଟି ଗେଟ୍ ଖୋଲି ଦେଇଛି। କଲମା ବ୍ୟାରେଜରୁ ୧ ଲକ୍ଷ ୧୮ ହଜାର କ୍ୟୁସେକ ପାଣି ନିଷ୍କାସନ ହେଉଛି। ବନ୍ୟା ସ୍ଥିତ ନ ଥିବା ବେଳେ ହୀରାକୁଦ ଜଳଭଣ୍ଡାରର ଜଳ ସ୍ତର ଧୀରେ ଧୀରେ ବଢୁଛି।

ରତ୍ନଭଣ୍ଡାର ଖୋଲିବାକୁ ....

ରାଜ୍ୟପାଳ କିମ୍ବା ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଅଧକ୍ଷତାରେ ଏକ ଯୁଗ୍ମ କମିଟି ଗଠନ କରି ରତ୍ନଭଣ୍ଡାରର ଅଳଙ୍କାରର ତାଲିକା ପ୍ରସ୍ତୁତ ସହ ବିପଦଶଙ୍କୁଳ ଅବସ୍ଥାରେ ଥିବା ଭିତର ଅଂଶର ମରାମତି ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି । ରତ୍ନଭଣ୍ଡାର ଚାବି ହଜାଇଥିବା ଅଫିସରଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା, କେଉଁ ପରିସ୍ଥିତିରେ ଚାବି ହଜିଲା ତା'ର ତଦନ୍ତ ସିବିଆଇ ଦ୍ୱାରା କରାଇବା, ହାଇକୋର୍ଟଙ୍କ ବୈଷୟିକ କମିଟି ଓ ଏଏସଆଇ ଚିଠି ସତ୍ତ୍ୱେ ରତ୍ନଭଣ୍ଡାରର ମରାମତି ନକରି ଏହାକୁ ବିପଦଶଙ୍କୁଳ ଅବସ୍ଥାରେ ରଖିବା ପାଇଁ ଦାୟୀ ଅଫିସରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସମସ୍ତ ଘଟଣାକ୍ରମର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ଶ୍ରୀ ମହାନ୍ତି ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି । ଶ୍ରୀ ମହାନ୍ତି ନିଜର ଏହି ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍

ଶନିବାର, ଜୁଲାଇ ୦୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ଜିଲ୍ଲାସ୍ତରୀୟ କନ୍‌ଭେନ୍‌ସନ୍ ଜୁଲାଇ ୨ରେ

ବାଲେଶ୍ୱର, ୩୦/୦୬ (ନି.ପ୍ର): ଆସନ୍ତା ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ଭୁବନେଶ୍ୱର ସଚିବାଳୟ ସମ୍ମୁଖରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନ୍‌ମାନଙ୍କର ମିଳିତ ସମାବେଶକୁ ସଫଳ କରିବାପାଇଁ ବାଲେଶ୍ୱରରେ ଜିଲ୍ଲା ସ୍ତରୀୟ କନ୍‌ଭେନ୍‌ସନ୍ ଆସନ୍ତା ଜୁଲାଇ ୨ତାରିଖ ରବିବାର ଦିନ ୧୦ଟାରେ ଅନୁଷ୍ଠିତ ହେବ। ଜିଲ୍ଲାସ୍ତରୀୟ କନ୍‌ଭେନସନ୍ ଓ ରାଜ୍ୟସ୍ତରୀୟ ମହାସମାବେଶକୁ ସଫଳ କରିବା ପାଇଁ ପଡୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ସଂଘର ସଭାଗୃହରେ ଶୁକ୍ରବାର ଦିନ ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକର ଆବାହକ ବିଜୟ ପାତ୍ର କେନ୍ଦ୍ର ସରକାରଙ୍କର ଶ୍ରମିକ ବିରୋଧି ଶ୍ରମ ଆଇନ ବିରୁଦ୍ଧରେ ଓ ଏହି ଆଇନକୁ ରାଜ୍ୟ ସରକାରଙ୍କ ସମର୍ଥନକୁ ଦୃଢ଼ ବିରୋଧ କରି ଆଗାମୀ ମିଳିତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମତପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କର ଶ୍ରମିକ ବିରୋଧି ୪ଟି ଶ୍ରମ କୋଡ୍‌କୁ ବାତିଲ କରିବା, ପ୍ରତିରକ୍ଷା ସେବା ଆଇନ ଓ ବିଦ୍ୟୁତ୍ ସଂଶୋଧନ ଆଇନକୁ ବାତିଲ କରିବା, ସରକାରୀ ସଂପତ୍ତିକୁ ଘରୋଇକରଣ ବନ୍ଦ କରିବା, ସ୍କିମ୍ ୱାର୍କରସଙ୍କୁ ସରକାରୀ ଚାକିରିମାନ୍ୟତା ପ୍ରଦାନ, ଖାଲିଥିବା ସମସ୍ତ ସରକାରୀ ପଦବୀ ପୂରଣ କରିବା, ଠିକା ଶ୍ରମିକ ନିଯୁକ୍ତି ବନ୍ଦ କରିବା, ବେକାରମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ମନେରେଗା ଶ୍ରମିକଙ୍କୁ ବର୍ଷକୁ ୨୦୦ ଦିନ କାମ ଏବଂ ଦୈନିକ ଛଅଶହ ଟଙ୍କା ମଜୁରୀ, ପୁରୁଣା ପେନ୍‌ସନ୍ ଆଇନ୍ ଲାଗୁ କରିବା, ଇପିଏଫ୍ ପେନସନ୍‌ଭୋଗୀଙ୍କୁ ମାସିକ ନଅହଜାର ଟଙ୍କା ଓ ମହଙ୍ଗା ଭତ୍ତା ପ୍ରଦାନ, ପ୍ରଚଳିତ ଶ୍ରମ ଆଇନକୁ କାର୍ଯ୍ୟକାରୀ କରିବା, ବନ୍ଦ କଳକାରଖାନା କାର୍ଯ୍ୟକ୍ଷମ କରିବା, କୃଷକ ମୋର୍ଚ୍ଚାର ଛଅଦଫା ଦାବି ପୂରଣ କରିବା ପ୍ରଭୃତି ଦାବି କରାଯାଇଛି। ଏହି ବୈଠକରେ ଏଆଇଟିୟୁସି, ସିଆଇଟିୟୁ, ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍, ଟିୟୁସିସି ଓ ଏଆଇୟୁଟିସି ପ୍ରଭୃତି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଶ୍ୟାମସୁନ୍ଦର ଜେନା, ସର୍ବେଶ୍ୱର ମିଶ୍ର, ଭରତ ଚନ୍ଦ୍ର ସେଠୀ, ଉମାକାନ୍ତ ଦାସ, ଶରତ ଚନ୍ଦ୍ର ଦଳାଇ, ଅରୁଣ ସ୍ୱାଇଁ, ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

ଦୁର୍ଘଟଣାରେ ନର୍ସିଂ ଛାତ୍ରୀଙ୍କ ଶୋଚନୀୟ ମୃତ୍ୟୁ

ବସ୍ତା,୩୦/୬ ରୂପସା ଥାନା ଅନ୍ତର୍ଗତ ରୂପସା ସାମିଲ ହସନପୁର ପଞ୍ଚାୟତ ପାଟପୁର ଗ୍ରାମର ଜଣେ ନର୍ସିଂ ଛାତ୍ରୀ ଆଜି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ମୃତ ଛାତ୍ରୀ ହେଲେ ଏହି ଗ୍ରାମର ଦୀନବନ୍ଧୁ ବାରିକଙ୍କ ଝିଅ ସୁଚିସ୍ମିତା ବାରିକ (୨୨) । ସେ ଭୁବନେଶ୍ୱରରେ ଏକ ନର୍ସିଂ କଲେଜ ରେ ପଢୁଥିଲେ। ସେ ସ୍କୁଟି ଯୋଗେ ଝିଅ ସାଙ୍ଗ ସହ ଭୁବନେଶ୍ୱରରୁ ଆଜି କଟକ ଯାଉଥିବା ବେଳେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କଟକ ମେଡିକାଲ ନେଇଥିଲେ । ହେଲେ ଡାକ୍ତର ସୁଚିସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ । ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଟ୍ରକ ଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡିଛି ।

ବିଧାୟିକାଙ୍କ ଦ୍ୱାରା ସିଟି ବସ ସେବା ଶୁଭାରମ୍ଭ

ଝାରସୁଗୁଡ଼ା, ୩୦/୦୬ (ନି.ପ୍ର): ଝାରସୁଗୁଡ଼ା ବିଧାୟିକା ସୁଶ୍ରୀ ଦିପାଳୀ ଦାସ ସିଟି ବସ ସେବା ଶୁଭାରମ୍ଭ କରିଛନ୍ତି । ଆଜି ପୂର୍ବାହ୍ନରେ ବିଧାୟିକା କାତିକେଲାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ପତାକା ଦେଖାଇ ଏହି ସମ୍ପ୍ରସାରିତ ବସ ସେବାର ଶୁଭାରମ୍ଭ କରିଛନ୍ତି। ଏହି ସିଟି ବସ କାତିକେଲାରୁ ସକାଳ ସାଢେ ପାଂଚଟାରେ ବାହାରି ବେଦାନ୍ତ, ସରବାହାଲ, ଷ୍ଟେସନ ଛକ, ବସଷ୍ଟାଣ୍ଡ, ବେହେରାମାଲ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅରଡ଼ାମାଲରେ ସକାଳ ୭ଟାରେ ପହଂଚିବ। ସକାଳ ୬ଟାରେ ଅନ୍ୟ ଏକ ବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ସକାଳ ସାଢେ ୭ଟାରେ କାତିକେଲାରେ ପହଂଚି ପୁନର୍ବାର ଆସିଥିବା ରାସ୍ତାରେ ପ୍ରତ୍ୟାବର୍ତ୍ତନ କରିବ। ସେହିପରି ଅପରାହ୍ନ ସାଢ଼େ ଗୋଟାଏରେ କାତିକେଲାରୁ ବାହାରିଥିବା ବସ ଅପରାହ୍ନ ୩ଟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଂଚି ସନ୍ଧ୍ୟା ୫ଟାରେ ଛାଡ଼ିବ। ଜିଲ୍ଲା ପ୍ରଶାସନ ଓ ବେଦାନ୍ତ ସହଯୋଗରେ ଏହି ବସ ଚଳାଚଳ ଦ୍ୱାରା ସହରକୁ ଗମନାଗମନ ସହଜ ହୋଇପାରିଛି ଏବଂ ଆଗାମୀ ଦିନରେ ଏହି ସୁବିଧା ଜାରି ରହିବ ବୋଲି ବିଧାୟିକା ଆଶା ବ୍ୟକ୍ତ କରିଥିଲେ।

ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ସରିଲା ବାହୁଡ଼ା ଯାତ୍ରା ପର୍ବ: ନୀଳାଦ୍ରି ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

ନୀଳଗିରି , ୩୦/୦୬ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ବାହୁଡ଼ାଯାତ୍ରା ସମ୍ପନ୍ନ ହେବା ସହ ରତ୍ନ ସିଂହାସନକୁ ଫେରିଲେ ଚତୁର୍ଦ୍ଧାମୂର୍ତ୍ତି । ବାହୁଡ଼ା ଯାତ୍ରାର ପ୍ରଥମ ଦିନରେ ପ୍ରଥମ ଦିନରେ ଶ୍ରଦ୍ଧାଳୁ ରଥଟାଣି ବଡ଼ଦାଣ୍ଡ ଶଙ୍କରାଖୁଣ୍ଟାପୋଖରୀ ପାର୍ଶ୍ୱରେ ପହଞ୍ଚାଇ ଥିଲାବେଳେ ଶେଷଦିନ ଶୁକ୍ରବାର ଅପରାହ୍ନରେ ପୁଣି ଥରେ ବାହୁଡ଼ାଯାତ୍ରା ଆରମ୍ଭ ହୋଇଥିଲା। ବାହୁଡ଼ାଯାତ୍ରାରେ ସେବାୟତ, ଭକ୍ତ, ଶ୍ରଦ୍ଧାଳୁ ଜୟ ଜଗନ୍ନାଥ ଧ୍ୱନି ସହ ଘଣ୍ଟଆ ଙ୍କ ଘଣ୍ଟ, ଢୋଲ, ମହୁରୀ, ଶଙ୍ଖ, ହୁଳହୁଳି ପକାଇ ରଥକୁ ଟାଣି ଶ୍ରୀମନ୍ଦିର ସମ୍ମୁଖରେ ଶାନ୍ତି ଶୃଙ୍ଖଳା ଭିତରେ ପହଞ୍ଚିଥିଲେ ।ରଥଟଣା କାର୍ଯ୍ୟକ୍ରମକୁ ନୀଳଗିରି ବିଡିଓ ରାହୁଲ ମଣ୍ଡଳ ଓ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପରିଚାଳନା କରିଥିଲା ବେଳେ ପ୍ରଦୀପ୍ତ ମିଶ୍ର ଧକ୍ଷରା ବିବରଣୀ ପ୍ରଦାନ କରିଥିଲେ। ରଥଟଣା ଶେଷ ହେବାପରେ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ରାଜପୁରୋହିତ ରବୀନ୍ଦ୍ର ମହାପାତ୍ର ଛେରାପହଁରା ନୀତି ସମ୍ପନ୍ନ କରିଥିଲେ। ପରେ ଗୋଟି ପହଣ୍ଡିରେ ପ୍ରଥମେ ରାମକୃଷ୍ଣ, ମଦନ ମୋହନ, ଚକ୍ରରାଜ୍ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା, ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରକୁ ବିଜେ କରିଥିଲେ।ରୀତିନୀତି ଅନୁସାରେ ରାଜପୂରୋହିତ ଲକ୍ଷ୍ମୀ ନାରାୟଣଙ୍କ ଭେଟ କରାଇବା ସହିତ ରସଗୋଲା ଖାଇବାକୁ ଦେଇ ମା ଲକ୍ଷ୍ମୀ ସାଆନ୍ତାଣୀ ଙ୍କ ମାନଭଞ୍ଜନ କରିଥିଲେ। ଶେଷରେ ମହାପ୍ରଭୁ ନୀଳାଦ୍ରି କନ୍ଦରକୁ ବିଜେ କରିଥିଲେ। ବାହୁଡ଼ାଯାତ୍ରାରେ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରିର ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ଉପ-ଜିଲ୍ଲାପାଳ ମନ୍ଦରଧର ମହାଳିକ, ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର, ବିଜୁ ଜନତା ଦଳର ରାଜ୍ୟଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ,ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ

ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ, ଏନଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ସନ୍ତୋଷ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡକୁ ନିୟନ୍ତ୍ରଣ କରି ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।

ଶିକ୍ଷା ସମ୍ବନ୍ଧୀୟ ଏକ ମାସିକ ସମୀକ୍ଷା ବୈଠକ

ବାରିପଦା , ୩୦/୦୬ (ନି.ପ୍ର): ଆଜି ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ନବ କିଶୋର ଗିରିଙ୍କ ଅଧ୍ୟକ୍ଷତାରେ ଶିକ୍ଷା ସମ୍ବନ୍ଧୀୟ ଏକ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନେ ଯୋଗଦାନ କରିଥିବା ସ୍ଥଳେ ନୂତନ ଭାବରେ ନିଯୁକ୍ତି ପାଇଥିବା ୧୦ ଜଣ ଓଡିଶା ଶିକ୍ଷା ସେବା ଅଧିକାରୀ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ନୂତନ ଭାବରେ ନିଯୁକ୍ତି ପାଇଥିବା ଓଡିଶା ଶିକ୍ଷା ସେବା ଅଧିକାରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ନୂତନ ଭାବରେ ନିଯୁକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନଙ୍କର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହିତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଓ ଦୀପ୍ତି ନାୟକ ଗ୍ରୀଷ୍ମ କାଳୀନ ଅବକାଶ ପରେ ଖୋଲା ହୋଇଥିବା ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା, ଛାତ୍ର ଛାତ୍ରୀ ମାନଙ୍କର ନିୟମିତ ଉପସ୍ଥାନ, ମଧ୍ୟାହ୍ନ ଭୋଜନ, ଇ-ଲାଇବ୍ରେରୀ, ବିଜ୍ଞାନଗାର, ବିଦ୍ୟୁତ ସଂଯୋଗ, ପିଇବା ପାଣି, ଶୌଚାଳୟ, ପୁସ୍ତକ ଓ ସଠିକ ସମୟରେ ନୂତନ ପୋଷାକ ବିତରଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ । ନୂତନ ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୂପେ ନିଯୁକ୍ତ ପାଇଥିବା ଓଡିଶା ଶିକ୍ଷା ସେବା ଅଧିକାରୀ ବହଳଦାର ଶୁଭଶ୍ରୀ ସିଂ, ବଡସାହିର ମଧୁସ୍ମିତା ଗିରି, ଖୁଣ୍ଟାର ଘନଶ୍ୟାମ ମୁର୍ମୁ, ତିରିଙ୍ଗର ଜଗେଶ୍ୱର ଜେନା ଓ ଉଦଳାର ନିତୀଶ କୁମାର ଘୋଷ ତଥା ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତି ପାଇଥିବା ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟର ତାପସ କୁମାର ନାଏକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଉଦଳାର ଅନୁଜା ମାଧୁରୀ ଦାସ, କରଞ୍ଜିଆ ଉଚ୍ଚ ବିଦ୍ୟାଳୟର ଚତୁଭୂଜ ବାରିକ, ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟର ଋଷିପ୍ରଭା ମହାଞ୍ଚ, ବହଳଦା ଉଚ୍ଚ ବିଦ୍ୟାଳୟର ମନୋରଞ୍ଜନ ଗିରି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ, ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଆଦିବାସୀ ଓ ବାଳିକା ଶିକ୍ଷା ସଂଯୋଜକ ସପନ କୁମାର ପୁଷ୍ଟି, ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ସାଥି ଓ ଅକ୍ଷରା ଫାଉଣ୍ଡେସନର ଅଧିକାରୀ ବୃନ୍ଦ ନିଜନିଜର ମତ ରଖିଥିଲେ ।

ବାହୁଡ଼ିଲେ ମହାବାହୁ: ଭଜନ ସନ୍ଧ୍ୟାରେ ବିଭୋର ଦର୍ଶକ

ବସ୍ତା, ୩୦/୦୬ (ନି.ପ୍ର): ବାଲେଶ୍ୱର ଜିଲା ରୂପସା ଥାନା ଅନ୍ତର୍ଗତ କସିପଦା, ପୋଡାଡିହା, ନୀଳବାଡି, ରାଉତପଡା, ବାଲିଗୋହିରି ପ୍ରଭୃତି ଗ୍ରାମରେ ପବିତ୍ର ବାହୁଡ଼ାଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ମାଉସୀ ମାଆଙ୍କ ମନ୍ଦିରରେ ଲୀଳା ଖେଳା ସାରି ପ୍ରଭୁ ଜଗନ୍ନାଥ, ବଳଭଦ୍ର ଦେବ ଓ ସୁଭଦ୍ରା ଦେବୀ ପୁଣି ରଥକ୍ଷରୁଢ଼ ହୋଇ ଭକ୍ତଙ୍କ ଗହଣରେ ଶ୍ରୀମନ୍ଦିର କୁ ବାହୁଡ଼ି ଆସିଛନ୍ତି । ଏହି ଅବସରରେ ସାମାଜିକ ସଂଗଠନ 'ଦିଶା'ର ଅଷ୍ଟମ ବାର୍ଷିକ ଉତ୍ସବ ପାଳନ ସହିତ ପୋଡ଼ାଡିହା ଗ୍ରାମସ୍ଥିତ ବାବା ତେରଜ୍ୟୋତି ତାରକେଶ୍ୱର ମନ୍ଦିର ପ୍ରାଙ୍ଗଣ ରେ ଓଡିଶା ସରକାରଙ୍କ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରୂପସାସ୍ଥିତ ଆଧ୍ୟାତ୍ମିକ ଭକ୍ତି ସଂଗୀତ ସୁଧାର କଳାକାର ତଥା ସଂଗୀତଗୁରୁ ଅର୍ଜୁନ ଦଳାଇ, କଣ୍ଠଶିଳ୍ପୀ ଦୀପ୍ତରାଗ ଦେ, ଅର୍ଚିସ୍ମିତା ଦଳାଇ ଓ ରୁଚିସ୍ମିତା ନାୟକ ଦୀର୍ଘ ସମୟ ଭଜନ ପରିବେଷଣ କରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମଗ୍ର ଦର୍ଶକଙ୍କୁ ବାନ୍ଧି ରଖିଥିଲେ । ଶେଷରେ ଶତାଧିକ ଭକ୍ତ ପ୍ରସାଦ ସେବନରେ ଆପ୍ୟାୟିତ ହୋଇଥିଲେ । ସଂଗଠନର ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ଜେନା, ଉପଦେଷ୍ଟା ବାଞ୍ଛାନିଧି ଦେଙ୍କ ସମେତ କାର୍ଯ୍ୟକର୍ତ୍ତା ହେମନ୍ତ ସେନାପତି, ଆଲୋକ ବେହେରା, ଜୟନ୍ତ ସେନାପତି, ହିମାଂଶୁ ଜେନା, ଜୁଲୁ ସେନାପତି, ଲୀଳାବତୀ ସେନାପତି, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ପାଇକସିଦା - ଗୋପୀମୋହନପୁର ରାସ୍ତା ନିର୍ମାଣରେ ବିଳମ୍ବ : ଡାଇଭର୍ସନ ମରଣଯନ୍ତା

ଜଳେଶ୍ୱର ୩୦/୬(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା ପଂଚାୟତର କେଶପୁରା ଠାରୁ ଗୋପୀମୋହନପୁର ପଂଚାୟତର ସରସିଦା ପର୍ଯ୍ୟନ୍ତ ନିର୍ମାଣାଧିନ ରାସ୍ତାରେ ଅହେତୁକ ବିଳମ୍ବ ଯୋଗୁଁ ଏଥିରେ ଥିବା ବିଭିନ୍ନ ପୋଲ ଅଧାପନ୍ଚୁରିଆ ହୋଇ ପଡିରହିଛି । ଚଳିତବର୍ଷ ପ୍ରଥମ ବର୍ଷାରେ ଏହି ରାସ୍ତାର ବିଭିନ୍ନ ଡାଇଭର୍ସନ ଗୁଡିକ ମରଣ ଯନ୍ତାରେ ପରିଣତ ହୋଇଛି ।ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପାଇକସିଦା ପଂଚାୟତର କେଶପୁରା ଠାରୁ ଗୋପୀମୋହନପୁର ପଂଚାୟତର ସରସିଦା ରାସ୍ତା ନବିକରଣ ଗତବର୍ଷଠାରୁ ଅଦ୍ୟାବଧି ଚାଲିଆସୁଛି । ଏହି ରାସ୍ତାର ଏକ ବଡ ପୋଲ ନିର୍ମାଣ କାର୍ଯ୍ୟ ଗତବର୍ଷ ଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ସଂପୂର୍ଣ୍ଣ ହୋଇନାହିଁ । ଯିବାଆସିବା ପାଇଁ କେବଳ ମାଟି ପକାଇ ଡାଇଭର୍ସନ ନିର୍ମାଣ ହୋଇଥିବାରୁ ଚଳିତବର୍ଷର ପ୍ରଥମ ବର୍ଷାରେ ତାହା ମରଣଯନ୍ତାରେ ପରିଣତ ହୋଇଛି । ଏହି ରାସ୍ତା ଉପରେ ପାଇକସିଦା, ଚୋରମରା, କୋଟସାହି ଆଦି ପଂଚାୟତର ଲୋକମାନେ ନିର୍ଭର କରୁଥିବା ବେଳେ ଡାଇଭର୍ସନ ଦେଇ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ, ଗାଡି, ସାଇକେଲ ଯାତାୟାତ କରିପାରୁ

ନାହିଁ । ଏ ସଂପର୍କରେ ଗ୍ରାମବାସୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଠିକାଦାର ଏହାର କୌଣସି ସମାଧାନ କରୁ ନାହାନ୍ତି । ତେଣୁ ଆସନ୍ତା ଦିନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ପରେଶ କୁମାର ସାହୁ, ରାଧାକୃଷ୍ଣ ସାହୁ, କେଦାର ନାଥ ଦେ, ପରମାନନ୍ଦ ସାହୁ, ନରେନ୍ଦ୍ର ସାହୁ, ଗଦାଧର ଦେ, କାହ୍ନୁଚରଣ ମହାନ୍ତି, ଚନ୍ଦ୍ରକାନ୍ତ ସାହୁ, ରାଧାଗୋବିନ୍ଦ ଦାସ, ହିମାଂଶୁ ଦେ ପ୍ରମୁଖ କହିଛନ୍ତି । ଏ ସଂପର୍କରେ ଆର.ଡି. କନିଷ୍ଠ ଯନ୍ତ୍ରୀ ସାମଲ କିସ୍କୁଙ୍କୁ ପଚାରିବାରୁ ଠିକାଦାର ଖୁବ୍‌ଶୀଘ୍ର ଏହାକୁ ମରାମତି କରିବେ ବୋଲି କହିଛନ୍ତି ।

ଗତ ୨୪ ଘଂଟା ମଧ୍ୟରେ ସର୍ବାଧିକ ୭୧.୪ ମି.ମି. ବର୍ଷା ରେକର୍ଡ଼

ଭୁବନେଶ୍ୱର, ୩୦/୦୬ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ଢ଼େଙ୍କାନାଳରେ ସର୍ବାଧିକ ୭୧.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି କଟକ ଜିଲ୍ଲାର ନରସିଂହପୁରରେ ୩୦.୦ ମି.ମି., ମୟୂରଭଞ୍ଜ ଜିଲ୍ଲାର ତିରିଂରେ ୨୩.୬ ମି.ମି., ମାଲକାନଗିରି ଜିଲ୍ଲାର ପଡ଼ିଆରେ ୨୩.୧ ମି.ମି., ଝାରସୁଗୁଡ଼ା ଜିଲ୍ଲାର ଲଇକେରାରେ ୨୧.୩ ମି.ମି., ନୟାଗଡ଼ ଜିଲ୍ଲାର ଭାପୁରରେ ୨୧.୨ ମି.ମି., ଢ଼େଙ୍କାନାଳ ଜିଲ୍ଲାର ଗଁଦିଆରେ ୨୦.୦ ମି.ମି., ସୁନ୍ଦରଗଡ଼ ଜିଲ୍ଲାର କୁତ୍ରାରେ ୧୮.୦ ମି.ମି., ସମ୍ବଲପୁର ଜିଲ୍ଲାର ଧନକଉଡ଼ାରେ ୧୭.୩ ମି.ମି. ଏବଂ କୋରାପୁଟ ଜିଲ୍ଲାର ଜୟପୁରରେ ସର୍ବନିମ୍ନ ୧୪.୬ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ପୁରୀ, ୩୦/୦୬ (ନି.ପ୍ର): ସଡକ ସୁରକ୍ଷା ସମ୍ପର୍କରେ ଏକ ବୈଠକ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିବା ସହ ସଡ଼କ ସୁରକ୍ଷା ନିୟମକୁ କଡାକଡି ଭାବେ ପାଳନ ଓ ଏ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ରାସ୍ତା ନିର୍ମାଣ ସମୟରେ ଉପଯୁକ